আমর প্রতিবদ্ধতা
**ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ**

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 03 ♦ ISSUE-28 ♦ CUTTACK ♦ WEEKLY ♦ 11 TO 17 - JULY 2022 ♦ 8 PAGE ♦ RATE- 5/- ■ ବର୍ଷ - ୦୩ ♦ ସଂଖ୍ୟା -୨୮ ♦ କଟକ ♦ ସାପ୍ତାହିକ ♦ ୧୧ ରୁ ୧୭ ଜୁଲାଇ ୨୦୨୨ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ବାରାଣସୀ ଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତିନିଦିନିଆ 'ଅଖିଳ ଭାରତୀୟ ଶିକ୍ଷା ସମାଗମ' ଉଦଘାଟିତ

## ସଂକୀର୍ଣ୍ଣ ଚିନ୍ତାଧାରାରୁ ବାହାରି ଆଧୁନିକ ଚିନ୍ତାଧାରା ସହ ଯୋଡିବା ଜାତୀୟ ଶିକ୍ଷା ନୀତିର ମୂଳ ଆଧାର : ମୋଦୀ



**ବାରାଣସୀ(ଏଜେନ୍ସି) :** ଜାତୀୟ ଶିକ୍ଷା ନୀତିର ମୂଳ ଆଧାର ଶିକ୍ଷାକୁ ଏକ ସଂକୀର୍ଣ୍ଣ ଚିନ୍ତାଧାରାରୁ ବାହାର କରିବା ଏବଂ ଏହାକୁ ଏକବିଂଶ ଶତାବ୍ଦୀର ଆଧୁନିକ ଚିନ୍ତାଧାରା ସହିତ ଯୋଡିବା ବୋଲି ଗୁରୁବାର ଉତର ପ୍ରଦେଶର ବାରାଣସୀ ଠାରେ ତିନିଦିନିଆ 'ଅଖିଳ ଭାରତୀୟ ଶିକ୍ଷା ସମାଗମ'କୁ ଉଦଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

ରାଷ୍ଟ୍ରୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ପାଇଁ ବିଚାର ବିମର୍ଷ କରିବା ଦିଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଶିଶୁଙ୍କ ପ୍ରତିଭା ଏବଂ ସେମାନଙ୍କର ଇଚ୍ଛାନୁସାରେ କୁଶଳୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି । ରାଷ୍ଟ୍ରୀୟ ଶିକ୍ଷା ନୀତି ଯୁବ ବର୍ଗଙ୍କୁ କୁଶଳୀ, ଆତ୍ମବିଶ୍ୱାସୀ, ପ୍ରାକ୍ଟିକାଲ, କାଲକୁଲେଟିଭ୍ କରିବା ଦିଗରେ କାର୍ଯ୍ୟ କରୁଛି । ଆମର ଶିକ୍ଷା ବ୍ୟବସ୍ଥା କେବଳ ଡିଗ୍ରୀଧାରୀ ଯୁବକ ପ୍ରସ୍ତୁତ କରିବା ନୁହେଁ ବରଂ ଦେଶକୁ ଆଗକୁ ନେବା ପାଇଁ ଦରକାର ଥିବା ମାନବ ସମ୍ବଳ ଦେଶକୁ ପ୍ରଦାନ କରୁ । ଏହି ସଂକଳ୍ପନାର ନେତୃତ୍ୱ ଆମର ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନକୁ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଶିକ୍ଷା ନୀତି ଦ୍ୱାରା ଏବେ ମାତୃଭାଷାରେ ଶିକ୍ଷାଦାନର ରାସ୍ତା ବାହାର କରାଯାଉଛି । ଏହି କ୍ରମରେ ସଂସ୍କୃତ ଭଳି ପ୍ରାଚୀନ ଭାରତୀୟ ଭାଷାକୁ ବି ଆଗକୁ ବଢ଼ାଯାଉଛି । ଜାତୀୟ ଶିକ୍ଷା ନୀତି ପାଇଁ ଦେଶର ଶିକ୍ଷା ବ୍ୟବସ୍ଥାର ଢାଞ୍ଚାଗତ ପରିବର୍ତ୍ତନ ପାଇଁ କାମ କରାଯାଇଛି । ଆଜି ଦେଶରେ ବ୍ୟାପକ ଭାବେ ନୂଆ କଲେଜ, ନୂଆ ବିଶ୍ୱବିଦ୍ୟାଳୟ ଖୋଲାଯିବା ସହ ଆଇଆଇଟି ଏବଂ ଆଇଆଇଏମର ସ୍ଥାପନ କରାଯାଉଛି । ଏହି ସମାରୋହରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଛନ୍ତି ଅସମ୍ଭବର ସ୍ୱପ୍ନ ଦେଖିବା ଏବଂ ସେହି ସ୍ୱପ୍ନକୁ ପୂରଣ କରିବା ହିଁ ଭବିଷ୍ୟତର ସଫଳତାର ପୁଞ୍ଜି । ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ ଏକ ଦାର୍ଶନିକ ଦସ୍ତାବିଜ । ସମ୍ବିଧାନ ପରେ ଜାତୀୟ ଶିକ୍ଷା ନୀତି ଏଭଳି ଏକ ଦସ୍ତାବିଜ ; ଯାହାକୁ ସମଗ୍ର ଦେଶରେ ଅନେକ ସ୍ତରରେ ବିଚାର ବିମର୍ଷ, ଚର୍ଚ୍ଚା କରାଯିବା ସହ ଜନଭାଗିଦାରୀର ରୂପ ଦିଆଯାଇଛି । ସମ୍ବିଧାନ ସମତୁଲ୍ୟ ଜାତୀୟ ଶିକ୍ଷା ନୀତି ଆମ ଦେଶର ଅସୁବିଧା, ଦ୍ୱନ୍ଦରୁ ମୁକ୍ତି ହେବାର ବିଚାର ସହ ଆତ୍ମବିଶ୍ୱାସ ଓ କାର୍ଯ୍ୟରେ ଭାରତୀୟ ହେବାର ଗର୍ବ ଅନୁଭବ ପ୍ରଦାନ କରେ।

ଭାରତରେ ୧୫ ବର୍ଷରୁ ୨୫ ବର୍ଷ ଯୁବ ବର୍ଗଙ୍କ ସଂଖ୍ୟା ବିଶ୍ୱରେ ଅଧିକ। ଦେଶରେ ପାଖାପାଖି ୨୫ କୋଟି ଯୁବବର୍ଗ ଥିବା ବେଳେ ଆସନ୍ତା ୨୫ ବର୍ଷ ଆମ ପାଇଁ ମହତ୍ୱପୂର୍ଣ୍ଣ । ଅମୃତ କାଳ ସମୟରେ ଭାରତକୁ ଜ୍ଞାନ ଆଧାରିତ ଅର୍ଥନୀତି ଭାବରେ ପ୍ରତିଷ୍ଠା କରିବା ପାଇଁ ଜାତୀୟ ଶିକ୍ଷା ନୀତି ହେଉଛି ଏକ ମାର୍ଗଦର୍ଶକ । ଏହି ସମୟରେ ଯୁବବର୍ଗଙ୍କ କ୍ଷମତା, ଉର୍ଜାକୁ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବା ତଥା ଜ୍ଞାନ ଓ ଶିକ୍ଷାରେ ପୂରା ଦୁନିଆରେ ନେତୃତ୍ୱ ନେବା ହେଉଛି ଜାତୀୟ ଶିକ୍ଷା ନୀତିର ଦିଗଦର୍ଶନ। ସେହିପରି ବିଶ୍ୱବିଦ୍ୟାଳୟ ଗୁଡ଼ିକ କେବଳ ବିଦ୍ୟାର୍ଥୀ ଓ ଶିକ୍ଷାର୍ଥୀଙ୍କ ଜୀବନକୁ ଉତମ କରିବା ନୁହେଁ ବରଂ ରାଷ୍ଟ୍ରର କଲ୍ୟାଣ କରିବା ହିଁ ଉଦ୍ଦିଷ୍ଟ। ସେହିପରି ଆମର ଭାରତୀୟ ଜ୍ଞାନ ପରମ୍ପରା ଆଧାରରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଭବିଷ୍ୟତର ସ୍ୱର୍ଣ୍ଣିମ ଆକାର ଦେବାକୁ ହେବ। ଏକବିଂଶ ଶତାବ୍ଦୀ ଜ୍ଞାନର ଶତାବ୍ଦୀ। ଏହି ସମୟରେ ଯୁବ ବର୍ଗଙ୍କୁ କେବଳ ନିଯୁକ୍ତି ଖୋଜିବା ନୁହେଁ ବରଂ ନିଯୁକ୍ତିଦାତା ହେବା ପାଇଁ ପ୍ରୋତ୍ସାହନ ଦେବାକୁ ହେବ।

ଐତିହାସିକ ସହର ବାରାଣସୀରେ ଶିକ୍ଷା ଜଗତର ଏଭଳି ଭବ୍ୟ ସମ୍ମିଳନୀ ହେବା ଏବଂ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ମାର୍ଗଦର୍ଶକ ସାଜିବା ଖୁସିର ବିଷୟ। ଜାତୀୟ ଶିକ୍ଷା ନୀତିର ଘୋଷଣା ପରେ ନୀତିର କ୍ରିୟାନ୍ୱୟନ ପାଇଁ ପ୍ରତିଟି ମୁହୂର୍ତରେ ପ୍ରଧାନମନ୍ତ୍ରୀ ମୋଦି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ପିଟି ଉଷା, ଇଲିଆ ରାଜା, ବିଜୟେନ୍ଦ୍ର ଓ ବୀରେନ୍ଦ୍ର ରାଜ୍ୟସଭାକୁ ମନୋନୀତ



ଇଲିଆ ରାଜା | ପିଟି ଉଷା | ବିଜୟେନ୍ଦ୍ର ପ୍ରସାଦ | ବୀରେନ୍ଦ୍ର ହେଗ୍‌ଡ଼େ

**ନୂଆଦିଲ୍ଲୀ (ଏଜେନ୍ସି) :** ପ୍ରସିଦ୍ଧ ସଙ୍ଗୀତ ସଂଯୋଜକ ଇଲିଆ ରାଜା, ଦୌଡ଼ରାଣୀ ପିଟି ଉଷା, ଚଳଚ୍ଚିତ୍ର ସଂଳାପ ଲେଖକ କୋଡୁରି ବିଶ୍ୱ ବିଜୟେନ୍ଦ୍ର ପ୍ରସାଦ ଓ ଜଣାଶୁଣା ସମାଜସେବୀ ବୀରେନ୍ଦ୍ର ହେଗଡ୍ଡେଙ୍କୁ ରାଜ୍ୟସଭା ସଦସ୍ୟ ଭାବେ ମନୋନୀତ କରାଯାଇଛି। ନିଜସ୍ୱ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେମାନଙ୍କୁ ସଂସଦର ଉଚ୍ଚ ସଦନକୁ ମନୋନୀତ କରିଛନ୍ତି। ନୂତନ ନିର୍ବାଚିତ ଏହି ସାଂସଦଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଭାମାନେ ସ୍ୱକୀୟ କାର୍ଯ୍ୟ ପାଇଁ ଦେଶବାସୀଙ୍କ ପ୍ରେରଣାର ଉତ୍ସ ଏବଂ ସଂସଦରେ ସେମାନଙ୍କ ମାର୍ଗଦର୍ଶନ ନୀତି ନିର୍ଦ୍ଧାରଣ ସହ ଦେଶବାସୀଙ୍କ ପାଇଁ ଉପାଦେୟ ହେବ ବୋଲି ମୋଦୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ; ସିଲିଣ୍ଡର ପିଛା ବଢିଲା ୫୦ ଟଙ୍କା

**ନୂଆଦିଲ୍ଲୀ (ଏଜେନ୍ସି) :** ପୁଣି ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ । ଗତ କିଛି ଦିନର ବ୍ୟବଧାନ ପରେ ଘରୋଇ ଏଲପିଜି ସିଲିଣ୍ଡର ଦର ବୃଦ୍ଧି ପାଇଛି । ଫଳରେ ସାଧାରଣ ଜନତା ମହଙ୍ଗା ମାଡ଼ର ସମ୍ମୁଖିନ ହେବେ । ୧୪.୨ କେଜି ଏଲପିଜି ସିଲିଣ୍ଡର ପିଛା ୫୦ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ୫ କେଜିର ଛୋଟ ସିଲିଣ୍ଡରର ଦାମ ୧୮ଟଙ୍କା ବୃଦ୍ଧି କରାଯାଇଛି। ବର୍ତ୍ତମାନର ଦରବୃଦ୍ଧି ଯୋଗୁ ରାଜଧାନୀ ଦିଲ୍ଲୀରେ ଏଲପିଜି ସିଲିଣ୍ଡର ଦାମ୍ ୧୦୫୩ ଟଙ୍କା ରହିଛି । ସେପଟେ ବ୍ୟବସାୟୀକ ସିଲିଣ୍ଡରର ଦାମ୍ ହ୍ରାସ କରାଯାଇଥିବା



କୁହାଯାଇଛି । ୧୯ କେଜି କମର୍ସିଆଲ ସିଲିଣ୍ଡର ଦର ୮.୫୦ ପଇସା ହ୍ରାସ ପାଇଛି । କିଛି ଦିନ ପୂର୍ବରୁ ମଧ ବ୍ୟବସାୟୀକ ସିଲିଣ୍ଡରର ଦାମ୍ ହ୍ରାସ ପାଇଥିଲା।

## ମାଗିବା ପୂର୍ବରୁ ରାକ୍ଷୀର ପାଉଣା ଦେଇଦେଲେ ମୁଖ୍ୟମନ୍ତ୍ରୀ

### ନବୀନ ପଟ୍ଟନାୟକଙ୍କ ମଧ୍ୟାହ୍ନ ଭୋଜନରେ ସାମିଲ ହେଲେ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁ



**ଭୁବନେଶ୍ୱର(ଏନ୍.ଏମ୍.) :** ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଓଡ଼ିଶାରେ ପହଞ୍ଚିଛନ୍ତି ଏନଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁ। ସେ ବିମାନ ବନ୍ଦରରେ ପହଞ୍ଚିବା ପରେ ଭବ୍ୟ ସମ୍ବର୍ଦ୍ଧନା ସହକାରେ ତାଙ୍କୁ ରାଜଭବନକୁ ପାଛୋଟି ନିଆଯାଇଥିଲା। ଏହାପରେ ବିଧାନସଭା ସମ୍ମିଳନୀ କକ୍ଷରେ ବିଜେଡି ବିଧାୟକ ଓ ସାଂସଦଙ୍କ ସହ ଆଲୋଚନା କଲା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ ଶ୍ରୀମତୀ ମୁର୍ମୁ। 'ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଇ ବୋଲି ସମ୍ବୋଧନ କରିବା ସହ ରାକ୍ଷୀର ପାଉଣା ମାଗିବା ପୂର୍ବରୁ ସେ ଦେଇଦେଲେ ବୋଲି କହିଥିଲେ' ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀମତୀ ମୁର୍ମୁ ରାକ୍ଷୀ ବାନ୍ଧିଥିଲେ। ରାକ୍ଷୀର ପାଉଣା ମାଗିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଇସାରିଛନ୍ତି। ଭାଇଭଉଣୀଙ୍କ ସଂପର୍କ ଆହୁରି ନିବିଡ଼ ହୋଇଛି। ଭଉଣୀ (ଦ୍ରୌପଦୀ ମୁର୍ମୁ)ଙ୍କ ମନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ମାଟ୍ରିକ ପାସ୍ ହାର ୯୦.୫୫% : ୧୧୭୦ଟି ସ୍କୁଲରେ ଫଳାଫଳ ଶତପ୍ରତିଶତ

**କଟକ(ଏନ୍.ଏମ୍.) :** ଓଡ଼ିଶା ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ଆଜି ଅପରାହ୍ଣରେ ପ୍ରକାଶ ପାଇଛି। ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୯୦.୫୫ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏଥର ୫ଲକ୍ଷ ୨୬ହଜାର ୮୧୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ଲକ୍ଷ ୧୭ହଜାର ୮୪୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳତା ପାଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ଲକ୍ଷ ୫୬ହଜାର ୮୭୭ ଛାତ୍ର ହୋଇଥିଲା ବେଳେ ୨ଲକ୍ଷ ୬୦ହଜାର ୯୭୦ଜଣ ହେଉଛନ୍ତି ଛାତ୍ରୀ। ଛାତ୍ର ପାସ୍ ହାର ୮୮.୭୭ ଥିବା ବେଳେ ଛାତ୍ରୀ ପାସ୍ ହାର ୯୨.୩୭ ପ୍ରତିଶତ ରହିଛି। ଅର୍ଥାତ୍ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। ସଫଳତାର ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୮୧୧୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୨ ଗ୍ରେଡ୍‌ରେ ୫୪ହଜାର ୮୮୯ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବି-୧ ଗ୍ରେଡ୍‌ରେ ୧ଲକ୍ଷ ୨୦ହଜାର ୩୧୨ଜଣ ଉତ୍ତୀର୍ଣ୍ଣ ହୋଇଥିଲା ବେଳେ ବି-୨ ଗ୍ରେଡ୍‌ରେ ୧ଲକ୍ଷ ୪୨ହଜାର ୫୯୯ଜଣ



ପାସ୍ କରିଛନ୍ତି। ସେହିପରି ସି ଗ୍ରେଡ୍‌ରେ ୧ଲକ୍ଷ ୧୬ହଜାର ୭୩୫ଜଣ ଏବଂ ଡି ଗ୍ରେଡ୍‌ରେ ୬୦ହଜାର ୧୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥି ସହିତ ଇ ଗ୍ରେଡ୍‌ରେ ୧୫ହଜାର ୧୭୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବବର୍ଷ ତୁଳନାରେ ଏ-୧ ଗ୍ରେଡ୍‌ଧାରୀ ପରୀକ୍ଷାର୍ଥଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୦ ମସିହାରେ ୧୨୭୯ଜଣ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୦୨୧ରେ ଏହି ସଂଖ୍ୟା ଥିଲା ୨୬୫୬। ଏ-୨ ଗ୍ରେଡରେ ମଧ ପୂର୍ବବର୍ଷ ଅପେକ୍ଷା ଭଲ ଫଳ ଦେଖିବାକୁ ମିଳିଛି। ରାଜ୍ୟର ୮୯୨୫ ବିଦ୍ୟାଳୟର ୫ଲକ୍ଷ ୭୧ହଜାର ୯୦୯ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ନିମନ୍ତେ ଫର୍ମପୂରଣ କରିଥିଲେ। ଏମାନଙ୍କ ଭିତରୁ ୪୫ହଜାର ୯୧ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଏତେ ସଂଖ୍ୟକ ପରୀକ୍ଷାର୍ଥି ଅନୁପସ୍ଥିତ ରହିବା ରାଜ୍ୟରେ ପ୍ରଥମଥର ଦେଖିବାକୁ ମିଳିଛି। ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ କୌଣସି ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ସ୍ଥଗିତ ରହିନାହିଁ। ୮ହଜାର ୬୯୯ ଜଣ ଫେଲ ହୋଇଥିବା ବେଳେ ୨୭୨ଜଣ କପି କରି ଧରା ପଡ଼ିଛନ୍ତି। ଚଳିତ ବର୍ଷ ପାସ୍ ହାର କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲା ଶୀର୍ଷରେ ରହିଛି । ଏହି ଜିଲ୍ଲାରେ ପାସ୍ ହାର ହେଉଛି ୯୬.୩୬ ପ୍ରତିଶତ। ପାସ୍ ହାର ୯୪.୫୫ ପ୍ରତିଶତ ସହିତ କଟକ ଜିଲ୍ଲା ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ପାସ୍ ହାର ଥିବା ମାଲକାନଗିରି ଜିଲ୍ଲା ସବୁଠାରୁ ନିମ୍ନ ସ୍ଥାନରେ ରହିଛି। ଏହି ଜିଲ୍ଲାର ୮୩.୦୩ ପ୍ରତିଶତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଚଳିତବର୍ଷ ୧୧୭୦ଟି ସ୍କୁଲରେ ଫଳାଫଳ ଶତପ୍ରତିଶତ ହୋଇଛି। ଅପରପକ୍ଷେ ରାଜ୍ୟରେ ୩ଟି ସ୍କୁଲରେ ଫଳାଫଳ ସମ୍ପୂର୍ଣ୍ଣ ଶୂନ ରହିଛି। ମାଲକାନଗିରି ଜିଲ୍ଲାର ସରକାରୀ ହାଇସ୍କୁଲ ଗୁରୁଡ଼ି ଏବଂ ସରକାରୀ ହାଇସ୍କୁଲ ଗୋଡ଼ପାଲିରେ ଜଣେ ଲେଖାଏ ପରୀକ୍ଷାର୍ଥି ପରୀକ୍ଷା ଦେଇଥିଲେ। ଅନୁଗୋଳର ରେଙ୍ଗାଲି ଡ୍ୟାମ ସାଇଡ୍ ପ୍ରୋଜେକ୍ଟ ଗାର୍ଲସ ହାଇସ୍କୁଲରେ ୨ଜଣ ପରୀକ୍ଷା ଦେଇଥିଲେ। ଉପରୋକ୍ତ ୩ଟି ଯାକ ସ୍କୁଲରେ ଫଳାଫଳ ଶୂନ ରହିଥିବା ଦେଖିବାକୁ ମିଳିଛି। ଆସନ୍ତା ୧୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ପୁନଃମୂଲ୍ୟାୟନ ପାଇଁ ଛାତ୍ରଛାତ୍ରୀ ଆବେଦନ କରି ପାରିବେ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ଅନଲାଇନରେ ଆବେଦନ କରାଯିବା ବେଳେ ମଧମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ପରୀକ୍ଷାର୍ଥି ଅଫଲାଇନ ଜରିଆରେ ଆବେଦନ କରିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କଟକ ବଜ୍ରକବାଟୀ ରୋଡସ୍ଥିତ ବୋର୍ଡ କାର୍ଯ୍ୟାଳୟରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବିରଳ ବ୍ୟକ୍ତିତ୍ୱ : ଏକା ଏକା ଖୋଳିଲେ ୩ କି.ମି. ଲମ୍ବର କେନାଲ୍

**ପାଟଣା(ଏଜେନ୍ସି) :** ଏଭଳି ଜଣେ ବିରଳ ବ୍ୟକ୍ତିତ୍ୱ ଯାହାକୁ ଦେଖିବାମାତ୍ରେ ଆଖିରୁ ଲୁହ ଝରିପଡେ। ତାଙ୍କ ପାଦତଳେ ଆପେ ଆପେ ମଥା ନଇଁଯାଏ। ସେ ଅଞ୍ଚଳର କୌଣସି ଜମିଦାର ନୁହଁନ୍ତି କି ଧନୀକ ବ୍ୟକ୍ତିବିଶେଷ। ସେ ଜଣେ ଗରିବ ଦିନ ମଜୁରିଆ ହୋଇଥିଲେ ମଧ ଏଭଳି କାର୍ଯ୍ୟ କରିଛନ୍ତି ତାହା ସମଗ୍ର ମାନବ ଜାତି ପାଇଁ ଏକ ସ୍ମାରକୀ ହୋଇ ରହିବ। ତେବେ ସେ କ'ଣ କରିଛନ୍ତି ଆଉ କ'ଣ କହିଛନ୍ତି ତାହା ଶୁଣିଲେ ମଧ ଯେ କେହିବି ଆଶ୍ଚର୍ଯ୍ୟ ହୋଇ ଯିବେ।

ବର୍ଷା ଦିନେ ପାହାଡ଼ରୁ ବୋହି ଆସୁଥିବା ପାଣି ନଦୀକୁ ଚାଲି ଯାଉଥିଲା। ତାହା ଲୋକଙ୍କ କାମରେ ଲାଗୁ ନଥିଲା। ଏହି ପାଣିକୁ କେମିତି ଅଟକା ଯାଇ ବ୍ୟବହାର କରି ହେବ, ସେନେଇ ଚିନ୍ତା କଲେ ଲୌଙ୍ଗି ଭୂୟାଁ। ଆଉ ତା'ପରେ ସେ କେନାଲ ଖୋଳିବାକୁ ନିଷ୍ପତ୍ତି ନେଲେ। ତେବେ ଏହା ଏତେ ସହଜ ନଥିଲା। ଏଥିପାଇଁ ତାଙ୍କୁ ୩୦ ବର୍ଷ ଲାଗିଯାଇଥିଲା। କିନ୍ତୁ ବର୍ଷ ବର୍ଷ ଧରି ଏକା ଏକା କେନାଲ୍ ଖୋଳି ଚାଲିଥିଲେ ବି ଲୌଙ୍ଗି ଭୂୟାଁ କେବେ



ନିରୁତ୍ସାହିତ ହୋଇ ନଥିଲେ। ଫଳସ୍ୱରୂପ ତାଙ୍କ ଗାଁ ଲୋକେ ପାଇଛନ୍ତି ୩ କିଲୋମିଟରର ଏକ କେନାଲ୍। ସେହି କେନାଲରେ ପାଣି ଆସି ଗାଁରେ ଥିବା ଏକ ବଡ଼ ପୋଖରୀରେ ରହୁଛି।

ଏହି ଚିତ୍ର ଦେଖିବାକୁ ମିଳିଛି ବିହାରର ଗୟା ଜିଲ୍ଲାର କୋଠିଲୱା ଗାଁରେ। ଗାଁଟି ଘଞ୍ଚ ଜଙ୍ଗଲ ଓ ଏକାଧିକ ପାହାଡ଼ ମଧ୍ୟରେ ରହିଛି। ଗୟା ଜିଲ୍ଲା ସଦର ମହକୁମାଠାରୁ ଏହି ଗାଁର ଦୂରତା ପ୍ରାୟ ୮୦ କିଲୋମିଟର। ଲୌଙ୍ଗି ଭୂୟାଁ କହିଛନ୍ତି, '୩୦ ବର୍ଷ ହେଲା ମୁଁ ପାଖ ଜଙ୍ଗଲକୁ ଗାଈଗୋରୁଙ୍କୁ ଚରାଇବାକୁ ନେଉଛି। ଆଉ ସେହି ସମୟରେ ମୁଁ କେନାଲ ଖୋଳା କାର୍ଯ୍ୟ କରୁଥିଲି। ମୋତେ କୌଣସି ଗ୍ରାମବାସୀ ସାହାଯ୍ୟ କରି ନାହାନ୍ତି କି ମୁଁ କାହାକୁ ସାହାଯ୍ୟ ଭିକ୍ଷା କରିନାହିଁ। ତେବେ ଗାଁ ଲୋକେ ଜୀବନଜୀବିକା ପାଇଁ ସହରକୁ ପଳାଉଛନ୍ତି। କିନ୍ତୁ ମୁଁ ଗାଁରେ ରହିବାକୁ ନିଷ୍ପତ୍ତି ନେଇଥିଲି। ଆଉ ଚିନ୍ତା କରିଥିଲି ଏଠାରେ ମୁଖ୍ୟତଃ ପାଣି ସମସ୍ୟାର ସମାଧାନ ହୋଇ ପାରିଲେ ଅଞ୍ଚଳବାସୀଙ୍କ ଦୁଃଖ ଦୂର ହେବ।' ସେବେଠାରୁ ସେ ଲାଗିପଡ଼ିଛନ୍ତି ନିଜ ଲକ୍ଷ୍ୟରେ। ଲୌଙ୍ଗି ଭୂୟାଁଙ୍କ ଏହି କାର୍ଯ୍ୟ ଗାଁ ଲୋକଙ୍କୁ ବେଶ୍ ଫାଇଦା ଦେଇଛି। କେବଳ ମଣିଷ ନୁହନ୍ତି, ଗାଁର ଗାଈଗୋରୁଙ୍କ ପାଇଁ ବି ଏହା ବେଶ୍ ସହାୟକ ହୋଇଛି। ଗ୍ରାମବାସୀମାନେ କହିଛନ୍ତି ଯେ ସେ ଏକା ଏକା ଏହି କେନାଲ ଖୋଳିଛନ୍ତି। କିନ୍ତୁ ଏଥିରୁ ଗାଁଟା ଯାକର ଲୋକ ଲାଭବାନ ହୋଇଛନ୍ତି। କେନାଲ୍ରେ ଆସି ପୋଖରୀରେ ଜମା ହେଉଥିବା ପାଣିକୁ ସେମାନେ ଚାଷ ଜମିରେ ମଡ଼ାଉଛନ୍ତି। ବର୍ଷା ପାଣିର ସଦ୍ ବ୍ୟବହାର କରିବା ପାଇଁ ଲୌଙ୍ଗି ଯେଉଁ କାର୍ଯ୍ୟ କରିଛନ୍ତି, ତାହା ପ୍ରଶଂସନୀୟ ଓ ଅନୁକରଣୀୟ।

## ବିସ୍ତାରା ଯାତ୍ରୀବାହୀ ବିମାନର ଇଞ୍ଜିନ୍ ଫେଲ୍, ବ୍ୟାଙ୍କକରୁ ଦିଲ୍ଲୀ ଫେରୁଥିଲା




**ନୂଆଦିଲ୍ଲୀ(ଏଜେନ୍ସି) :** ବିମାନରେ କେତେବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଉଛି ତ ଆଉ କେତେବେଳେ ପକ୍ଷୀ ମାଡ ହେଉଛି। ଏହି ଘଟଣା ଏବେ ଦିନ କୁ ଦିନ ବଢ଼ିବାରେ ଲାଗିଛି। ସ୍ପାଇସଜେଟ୍ ପରେ ବିସ୍ତାରା ଯାତ୍ରୀବାହୀ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ବ୍ୟାଙ୍କକ୍ରୁ ଦିଲ୍ଲୀ ଫେରୁଥିବା ବିସ୍ତାରା ଏୟାରଲାଇନ୍ସର ଏକ ଯାତ୍ରୀବାହୀ ବିମାନର ଇଞ୍ଜିନ୍ ଫେଲ୍ ହୋଇଯାଇଛି।

ଏହି ଘଟଣା ପରେ ବିମାନର ସମସ୍ତ ଯାତ୍ରୀ କିନ୍ତୁ ସୁରକ୍ଷିତ ଅଛନ୍ତି। ଇଞ୍ଜିନ୍ ଫେଲ୍ ହୋଇଥିବା ସତ୍ତ୍ୱେ ବିମାନଟିକୁ ସିଙ୍ଗିଲ ଇଞ୍ଜିନ୍ରେ ସୁରକ୍ଷିତ ଭାବେ ପାଇଲଟ୍ ଲ୍ୟାଣ୍ଡିଂ କରିଛନ୍ତି। ଦିଲ୍ଲୀ ବିମାନ ବନ୍ଦରର ପାର୍କିଂ ୱେରେ ରଖାଯାଇଛି। ଏନେଇ ଡିଜିସିଏକୁ ଜଣାଇ ମଧ ଦିଆଯାଇଛି। ବିସ୍ତାରା ଏୟାରଲାଇନ୍ସର ପ୍ରବକ୍ତାଙ୍କ କହିବା ମୁତାବକ, ଦିଲ୍ଲୀ ବିମାନ ବନ୍ଦରରେ ପହଞ୍ଚିବା ପରେ ବିମାନଟିରେ ଯାନ୍ତ୍ରିକ ତ୍ରୁଟି ଦେଖା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ' - ଡ. ଅବଦୁଲ କଲାମ

# ଫିଲ୍ମ ଫ୍ଲପ୍ ପରେ ମୁହଁ ଖୋଲିଲେ କଙ୍ଗନା, କହିଲେ ୨୦୨୨ ଏଯାଏଁ ସରିନାହିଁ



**ମୁମ୍ବାଇ (ଏଜେନ୍ସି):** ବଲିଉଡର ଦବଙ୍ଗ ଗାର୍ଲ କଙ୍ଗନା ରାଣାଓ୍ୱତ୍‌ଙ୍କ ଫିଲ୍ମ 'ଧାକଡ୍' ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ସବୁଠାରୁ ଧକ୍କା ଲାଗିଛି ଏହାର ପ୍ରଯୋଜକଙ୍କୁ। ଫିଲ୍ମଟି ତା'ର ମୋଟ ଖର୍ଚ୍ଚର ୧୦% ମଧ୍ୟ ଅସୁଲ କରିପାରିନାହିଁ। 'ଧାକଡ୍' ଫ୍ଲପ୍ ହେବା ପରେ ସୋସିଆଲ ମିଡିଆରେ କଙ୍ଗନାଙ୍କୁ ଜବରଦସ୍ତ ଟ୍ରୋଲ୍ କରାଯାଇଛି। ଏହି ସମୟରେ କଙ୍ଗନା ନିଜକୁ ବଞ୍ଚେଇବାକୁ ଯାଇ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି- ୨୦୨୨ ଏଯାଏଁ ସରିନାହିଁ। କଙ୍ଗନା ତାଙ୍କ ପୋଷ୍ଟରେ ନିଜକୁ ବକ୍ସ ଅଫିସ୍ କୁଇନ୍ କହି ଲେଖିଛନ୍ତି ଯେ, '୨୦୧୯ରେ ମୁଁ ୧୬୦ କୋଟି ଟଙ୍କାରେ ନିର୍ମିତ ଫିଲ୍ମ 'ମଣିକର୍ଣ୍ଣିକା' ଦର୍ଶକଙ୍କୁ ଭେଟି ଦେଇଥିଲି। ୨୦୨୦ ମସିହାରେ କରୋନା ସମୟ ଥିଲା। ୨୦୨୧ରେ ମୁଁ ମୋ କ୍ୟାରିୟରର ସବୁଠୁ ବଡ ହିଟ୍ ଫିଲ୍ମ 'ଥଲାଇବି' ଭେଟି ଦେଇଥିଲି, ଯାହାକି ଓଟିଟିରେ ରିଲିଜ୍ ହେବା ସତ୍ତ୍ୱେ ଭଲ ବ୍ୟବସାୟ କରିଥିଲା। ମୁଁ ବହୁତ ନକାରାତ୍ମକତାକୁ ସାମ୍ନା କରିଛି। ୨୦୨୨ରେ ମୁଁ 'ଲକ୍‌ଅପ୍'ର ହୋଷ୍ଟ କରିଥିଲି। ଏହା ମୋ' ପାଇଁ ବ୍ଲକବଷ୍ଟର ଥିଲା। ୨୦୨୨ ସରିନାହିଁ। ଏବେବି ମୋର ଏ ବର୍ଷକୁ ନେଇ ବହୁତ କିଛି ଆଶା ଅଛି।' ଧାକଡ୍' ସୁପର୍‌ଫ୍ଲପ୍ ହେବା ପରେ ଏହାର ଓଟିଟି କିମ୍ବା ସାଟେଲାଇଟ୍ ରାଇଟସ୍ କିଣିବା ପାଇଁ କେହି ରାଜି ନୁହନ୍ତି। ୧୦୦ କୋଟିରେ ନିର୍ମିତ ଏହି ଫିଲ୍ମ ମେ' ୨୦ରେ ସିନେମା ହଲ୍ରେ ରିଲିଜ୍ ହୋଇଥିଲା।କଙ୍ଗନାଙ୍କ କାମ କଥା କହିବାକୁ ଗଲେ, କଙ୍ଗନା ପଲିଟିକାଲ ଡ୍ରାମା ଫିଲ୍ମ 'ଇମରଜେନ୍ସି'ର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହାବାଦ୍ ସେ 'ତେଜସ୍'ରେ ମଧ୍ୟ ନଜର ଆସିବେ।

# ବିକ୍କିଙ୍କୁ ଛାଡି ହ୍ରିତିକଙ୍କ ଉପରେ ଫିଦା କ୍ୟାଟ୍ରିନା

**ମୁମ୍ବାଇ(ଏଜେନ୍ସି):** ଗତବର୍ଷ ବଲିଉଡ ଅଭିନେତା ବିକ୍କି କୌଶଲ ଓ କ୍ୟାଟ୍ରିନା କୈଫଙ୍କ ବିବାହ ହୋଇଥିଲା। ତେବେ ବିବାହକୁ ବର୍ଷେ ନପୂରୁଣୁ ଏବେ ବିକ୍କିଙ୍କୁ ଛାଡି ବଲିଉଡର ହ୍ୟାଣ୍ଡସମ ହଙ୍କ ହ୍ରିତିକ୍ଙ୍କ ଉପରେ ଫିଦା ହୋଇଛନ୍ତି କ୍ୟାଟ୍ରିନା। ସେ ହ୍ରିତିକ ଲୁକ୍କୁ ଦେଖି ପାଗଳ ହୋଇଯାଇଛନ୍ତି। ତାଙ୍କୁ ପ୍ରଶଂସା ନକରି ସେ ଆଉ ରହି ପାରି ନାହାନ୍ତି। ହ୍ରିତିକ ରୋସନଙ୍କ ଲୁକ୍ସ ଆଉ ଡ୍ୟାନ୍ସକୁ ପସନ୍ଦ କରୁଥିବା ଲୋକଙ୍କ ତାଲିକା ବେଶ୍ ଲମ୍ବା। ଏହି ତାଲିକାରେ ଫ୍ୟାନ୍ମାନଙ୍କ ସମେତ ଅନେକ ସେଲେବ୍ରିଟି ମଧ୍ୟ ସାମିଲ ଅଛନ୍ତି। ହ୍ରିତିକ ରୋସନଙ୍କ ପ୍ରତିଟି ଅନ୍ଦାଜ ଫ୍ୟାନ୍ମାନଙ୍କୁ ପସନ୍ଦ ଆସେ। ନିକଟରେ ହ୍ରିତିକ ତାଙ୍କର ଏକ ବିଜ୍ଞାପନ ଭିଡିଓକୁ ସୋଶାଲ ମିଡିଆରେ ଶେୟାର କରିଥିଲେ। ଏହି ବିଜ୍ଞାପନରେ ତାଙ୍କ ଲୁକ୍କୁ ଦେଖି ଏବେ ଅଭିନେତ୍ରୀ କ୍ୟାଟ୍ରିନା କୈଫ ଫିଦା ହୋଇଯାଇଛନ୍ତି। ସେ ନିଜକୁ ତାଙ୍କ ପ୍ରଶଂସା କରିବାକୁ ଅଟକାଇ ପାରି ନାହାନ୍ତି। ହ୍ରିତିକଙ୍କ ଦାଢ଼ି ତଥା ବିୟର୍ଡ ଲୁକ୍ କ୍ୟାଟ୍ରିନାଙ୍କୁ ଘାଇଲ କରିଛି। ସେ ହ୍ରିତିକଙ୍କ ବିୟର୍ଡ ଲୁକ୍ର ଭିଡିଓକୁ ନିଜ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି। କେବଳ ସେତିକି ନୁହେଁ ଏହି ଭିଡିଓରେ କ୍ୟାଟ୍ରିନା ନିଜ ସ୍ୱାମୀ ବିକ୍କିଙ୍କୁ ମଧ୍ୟ ଟ୍ୟାଗ୍ କରିଛନ୍ତି। କ୍ୟାପସନରେ ଲେଖିଛନ୍ତି, 'ଲଭିଂ ଦିସ୍ ବିୟର୍ଡ ଭାଇବ୍'। ହ୍ରିତିକ ରୋସନଙ୍କୁ କ୍ୟାଟ୍ରିନାଙ୍କ ଏଭଳି ପ୍ରଶଂସା ଦେଖି ବିକ୍କି ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସେ ହ୍ରିତିକଙ୍କ ଏହି ଭିଡିଓରେ କେବଳ 'ହଁ' ବୋଲି ରିଆକ୍ସନ ଦେଇଛନ୍ତି। ହ୍ରିତିକ ରୋସନଙ୍କ ଏହି ଲୁକ୍ ଏବେ ସୋଶିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନା ମୁତାବକ, ହ୍ରିତିକ ରୋସନ ଓ କ୍ୟାଟ୍ରିନା କୈଫ 'ବ୍ୟାଙ୍ଗ ବ୍ୟାଙ୍ଗ' ଓ 'ଜିନ୍ଦଗି ନା ମିଲେଗି ଦୋବୋରା' ଫିଲ୍ମରେ ଏକାଠି ନଜର ଆସିଥିଲେ। ଏହି ଯୋଡିକୁ ଫ୍ୟାନ୍ମାନେ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଏହାପର ଠାରୁ ଉଭୟଙ୍କ ଏକାଠି ଆଉ କୌଣସି ଫିଲ୍ମ ଆସିନାହିଁ।



# ମିସ୍ ଇଣ୍ଡିଆ ୨୦୨୨ ଜିଣିଲେ ସିନୀ



**ମୁମ୍ବାଇ(ଏଜେନ୍ସି):** ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀମାନଙ୍କୁ ପଛରେ ପକାଇ କର୍ଣ୍ଣାଟକର ସିନୀ ସେଟ୍ଟୀ ୨୦୨୨ ମସିହାର ବହୁ ଆକାଂକ୍ଷିତ 'ଭିଏଲ୍‌ସିସି ଫେମିନା ମିସ୍ ଇଣ୍ଡିଆଓ୍ୱାର୍ଲଡ୍' ପ୍ରତିଯୋଗିତାର ବିଜୟୀ ହୋଇଛନ୍ତି। ରାଜସ୍ଥାନର ରୁବଲ ଶେଖଓ୍ୱାତ ଏହାର ପ୍ରଥମ ଉପବିଜେତ୍ରୀ ଏବଂ ଉତ୍ତର ପ୍ରଦେଶର ଶିନାତା ଚୌହାନ ଏହାର ଦ୍ୱିତୀୟ ଉପବିଜେତ୍ରୀ ଘୋଷିତ ହୋଇଛନ୍ତି। ମୁମ୍ବାଇର ଜିଓଓ୍ୱାର୍ଲଡ୍ କନଭେନସନ୍ ସେଣ୍ଟରରେ ଆୟୋଜିତ ଏହି ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତାରେ ଅଭିନେତ୍ରୀ ନେହା ଧୁପିଆ, ଡିନୋ ମୋରିଆ, ମଲାଇକା ଅରୋରା, ଡିଜାଇନର୍ ରୋହିତ ଗାନ୍ଧୀ ଓ ରାହୁଲ ଖାନ୍ନା, କୋରିଓଗ୍ରାଫର୍ ଶାମକ ଡାବର ଓ ପୂର୍ବତନ କ୍ରିକେଟର୍ ମିତାଲି ରାଜ ପ୍ରମୁଖ ଜୁରି ସଦସ୍ୟ ଭାବେ ଯୋଗ ଦେଇଥିଲେ। ଏହାର ଆୟୋଜକ ଭର୍ଚୁଆଲ୍ ଅଡିସନ୍ ମାଧ୍ୟମରେ ଦେଶବ୍ୟାପୀ ପ୍ରତିଭାବାନ ପ୍ରତିଯୋଗୀଙ୍କ ଅନ୍ୱେଷଣ କରି ୩୧ ଜଣ ରାଜ୍ୟସ୍ତରୀୟ ବିଜେତ୍ରୀଙ୍କୁ ଚୟନ କରିଥିଲେ। ଏହି ମନୋନୀତ ପ୍ରତିଯୋଗୀମାନେ ମୁମ୍ବାଇ ଆସି କଠିନ ପ୍ରଶିକ୍ଷଣ ଓ ଆଚରଣ ବିକାଶ ଅଧିବେଶନର ସମ୍ମୁଖୀନ ହେବା ପରେ ଶେଷରେ ଏହି ଆଡ଼ମ୍ବରପୂର୍ଣ୍ଣ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କୃତି ସେନନ, ଲୌରେନ ଗୋଟ୍ଲିଏବ୍ ଓ ଆସ୍ ଚାଣ୍ଡଲର୍ ପ୍ରମୁଖ ତାରକା ନୃତ୍ୟ ପରିବେଷଣ କରିଥିଲେ। ଅଭିନେତା ମନୀଷ ପାଲ ଏହି କାର୍ଯ୍ୟକ୍ରମର ଉପସ୍ଥାପକ ଥିଲେ। ଏହି କାର୍ଯ୍ୟକ୍ରମଟି ଆସନ୍ତା ୧୭ ତାରିଖରେ କଲର୍ସ ଟିଭିରେ ପ୍ରସାରିତ ହେବ। ୨୧ ବର୍ଷୀୟା ସିନୀଙ୍କ ମୂଳ ଘର କର୍ଣ୍ଣାଟକରେ; ତେବେ ସେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ସେ କୁହନ୍ତି ତାଙ୍କ ପାଇଁ ନୃତ୍ୟ ହେଉଛି ଖୁସିର ଏକ ଅସରନ୍ତି ସ୍ରୋତ। ତାଙ୍କୁ ମାତ୍ର ୪ ବର୍ଷ ହୋଇଥିବା ବେଳୁ ସେ ନୃତ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ସେ ଶାସ୍ତ୍ରୀୟ ନୃତ୍ୟ ଭରତନାଟ୍ୟମରେ ମଧ୍ୟ ପାରଙ୍ଗମ। ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ଆଦର୍ଶ ଓ ପ୍ରେରଣାର ସ୍ରୋତ ବୋଲି ସେ ଅତୀତରେ ସ୍ୱୀକାର କରିଛନ୍ତି।

# ଅର୍ଜନ ଅପେକ୍ଷା ସର୍ଜନରେ ମନ: ଅଭିନେତ୍ରୀ ଅବନୀତ କୌର



**ମୁମ୍ବାଇ(ଏଜେନ୍ସି):** ମାତ୍ର ୮ବର୍ଷ ବୟସରେ ଟିଭି ଧାରାବାହିକରେ ଭାଗନେବା ଏବଂ ୧୩ ବର୍ଷ ବୟସରେ ଫିଲ୍ମରେ ଅଭିନୟ କରିବା ଅଭିନେତ୍ରୀ ଅବନୀତ କୌରଙ୍କ ପାଇଁ ଏକ ଆହ୍ୱାନ ପାଲଟିଥିଲା। ମାତ୍ର ନିଜର ଦୃଢ଼ ମନୋବଳ ଏବଂ ଅଭିନୟ ପ୍ରତି ସମର୍ପିତ ମନୋଭାବ, ଏଇ ୧୧ ବର୍ଷର ଅଭିନୟ ଜୀବନ ଭିତରେ ୧୭ଟି ଧାରାବାହିକ, ୮ଟି ହିନ୍ଦୀ ସିନେମା ଓ ଦୁଇଟି ୱେବ୍ ଧାରାବାହିକ ସମେତ ୨୪ଟି ନୃତ୍ୟଗୀତଭିତ୍ତିକ ଆଲବମରେ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସମର୍ଥ କରାଇଛି। ଏଥି ସହିତ ଥରେ ଜାତୀୟସ୍ତରୀୟ ପୁରସ୍କାର ଲାଭ କରି ସେ ତାଙ୍କ ଦକ୍ଷତାର ପ୍ରମାଣ ମଧ୍ୟ ଜାହିର କରିଛନ୍ତି। ତେବେ ଅର୍ଜନ ଅପେକ୍ଷା ସର୍ଜନକୁ ଗୁରୁତ୍ୱ ଦେଉଥିବା ଅବନୀତ ବେଳକୁ ବେଳ ନିଜର ଅଭିନୟକୁ ପରିମାର୍ଜିତ କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି ବୋଲି ସ୍ୱୀକାର କରିଛନ୍ତି। ତେବେ ସର୍ବୋପରି ଧାରାବାହିକ 'ଚନ୍ଦ୍ରନନ୍ଦିନୀ'ରେ ତାଙ୍କ ଅଭିନୀତ 'ଚାରୁମତି' ଚରିତ୍ର ଏବଂ ଧାରାବାହିକ 'ଆଲାଦ୍ଦିନ୍'ରେ 'ପ୍ରିନ୍ସେସ ଜସ୍ମିନ୍' ଭୂମିକା ପାଇଁ ସେ ଏବେ ଘରେ ଘରେ ପରିଚିତ। ପିଲାବେଳୁ ଗ୍ଲାମର ପ୍ରତି ଦୁର୍ବଳତା ଥିବା ଅବନୀତ ୨୦୧୦ରେ ପ୍ରଥମେ ଜୀ ଟିଭିର 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ଲିଟିଲ୍ ମାଷ୍ଟର୍ସ'ରେ ଭାଗ ନେଇଥିଲେ। ନିଜର ଆକର୍ଷଣୀୟ ଚେହେରା ଓ ଶାଣିତ ଅଙ୍ଗଭଙ୍ଗୀ ତାଙ୍କୁ ୨୦୧୨ରେ 'ମେରି ମା' ଧାରାବାହିକରେ ଏକ ଗୁରୁତ୍ୱପୂର୍ଣ୍ଣ କିଶୋରୀ ଭୂମିକାର ସୁଯୋଗ ଆଣିଥିଲା। ୨୦୧୪ରେ ହିନ୍ଦୀ ଫିଲ୍ମ 'ମର୍ଦ୍ଦାନୀ'ରେ ତାଙ୍କର ପ୍ରଥମ ପଦାର୍ପଣ ମଧ୍ୟ ଆଶାନୁରୂପ ଲୋକପ୍ରିୟତା ଆଣିଥିଲା। ପଛକୁ ପଛ 'ବୁନି', 'ଏକତା' ଓ 'ଚିଡ଼ିଆଖାନା' ଆଦି ସିନେମା ମଧ୍ୟ ତାଙ୍କ ସ୍ଥିର ଲୋକପ୍ରିୟତାର ସ୍ୱାକ୍ଷର ବହନ କରିଥିଲା।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍‌ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍‌ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ଏହାକୁ ଜାଣନ୍ତୁ ନଚେତ ଭୋଗି ପାରନ୍ତି ସମସ୍ୟା

କର୍ମବ୍ୟସ୍ତବହୁଳ ଜୀବନ ମଧ୍ୟରେ ଭୁଲ୍ ଜୀବନଶୈଳୀ ଓ ଖାଦ୍ୟ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡିଥାଏ। ଅତ୍ୟଧିକ କାମ ଓ ମାନସିକ ଦୁଶ୍ଚିନ୍ତା ଆମ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ଫଳରେ ବାରମ୍ବାର ବାରମ୍ବାର ରୋଗଗ୍ରସ୍ତ ହୋଇ ଥାଆନ୍ତି। ଏପରି ସମୟରେ ପୋଷକ ତତ୍ତ୍ୱରେ ଭରପୁର ଭୋଜନ କରିବା ଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟକୁ ଏହାର ଉପକାରୀ ଗୁଣ ମିଳିପାରେ ନାହିଁ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ ଅନେକ ସମୟରେ ଖାଦ୍ୟ ଖାଇବା ପରେ ଏପରି କିଛି ଭୁଲ କରିଥାଆନ୍ତି, ଯାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ସେଭଳି ବଦଅଭ୍ୟାସ ଅନେକ ରୋଗର କାରଣ। ପାଚନ ତନ୍ତ୍ରକୁ ପ୍ରଭାବିତ କରିଥାଏ। ଜାଣନ୍ତୁ..

ଅନେକ ଲୋକେ ରାତିରେ ଖାଦ୍ୟ ଖାଇବାର ତୁରନ୍ତ ପରେ ବିଛଣାରେ ଯାଇ ଶୋଇ ଯାଆନ୍ତି। ମାତ୍ର ଖାଦ୍ୟ ଖାଇବାର ୨ ଘଣ୍ଟା ପର୍ଯ୍ୟନ୍ତ ଆଦୌ ଶୁଅନ୍ତୁ ନାହିଁ। ଖାଦ୍ୟ ଖାଇବାର ତୁରନ୍ତ ପରେ ଶୋଇବା ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇନଥାଏ। ଏସିଡିଟି, ହୃଦୟ ଜନିତ ରୋଗ ସୃଷ୍ଟି ହେବାର ଅନେକ ସମ୍ଭାବନା ଥାଏ। ଅନେକ ଲୋକେ ଖାଦ୍ୟ ଖାଇବା ପରେ ଚା', କଫି ଓ ନିଶାଦ୍ରବ୍ୟର ମଧ୍ୟ ସେବନ କରିଥାଆନ୍ତି। ମାତ୍ର ଏଭଳି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ। ଏହାଦ୍ୱାରା ଶରୀରରେ ନିକୋଟିନର ମାତ୍ରା ଅଧିକ ବଢିଯାଏ। ଖାଦ୍ୟର ପୋଷକ ତତ୍ତ୍ୱ ମଧ୍ୟ ଶରୀରକୁ ମିଳିପାରି ନଥାଏ। କୁହାଯାଏ ସ୍ନାନ ପରେ ଭୋଜନ କରିବା ଉଚିତ। ମାତ୍ର ଖାଦ୍ୟ ଖାଇବାର ତୁରନ୍ତ ପରେ ସ୍ନାନ କରିବା ଦ୍ୱାରା ଏହାର କୁପ୍ରଭାବ ପାଚନ ତନ୍ତ୍ର ଉପରେ ପଡିଥାଏ। ବଦହଜମି ସମସ୍ୟା ସହ ପେଟ ପାଇଁ କ୍ଷତିକାରକ ହୋଇଥାଏ। ଖାଦ୍ୟ ଖାଇବାର ତୁରନ୍ତ ପରେ ଚା' ପିଇବା ଦ୍ୱାରା ଏଥିରେ ଥିବା ନିକୋଟିନ୍ ଆପଣଙ୍କ ଶରୀରରେ ପ୍ରୋଟିନକୁ ଅବଶୋଷିତ କରିଥାଏ। ଲୋହ ରକ୍ତକଣିକା ମଧ୍ୟ ହ୍ରାସ ପାଇଥାଏ। ଖାଦ୍ୟ ଖାଇବାର ତୁରନ୍ତ ପରେ କିମ୍ବା ଖାଦ୍ୟ ଖାଇବା ମଝିରେ ପାଣି ପିଇବା ଦ୍ୱାରା ଖାଦ୍ୟ ହଜମରେ ସମସ୍ୟା ହୋଇଥାଏ। ପେଟ ଜନିତ ସମସ୍ୟା ହୋଇଥାଏ। ଏସିଡିଟି,ଗ୍ୟାଷ୍ଟ୍ରିକ ହୋଇଥାଏ। ଖାଦ୍ୟ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ। ଖାଦ୍ୟ ଖାଇବା ପରେ ତୁରନ୍ତ ବ୍ୟାୟାମ କରିବା ଦ୍ୱାରା ପାଚନ ତନ୍ତ୍ର ଉପରେ ବିପରୀତ ପ୍ରଭାବ ପକାଇଥାଏ। ଫଳରେ ବାନ୍ତି ହେବା ସହ ପେଟରେ ଯନ୍ତ୍ରଣା ହୋଇଥାଏ।

## ମା'ରାଣ ଦେହକୁ ନେବେନି...

ରସଗୋଲା ଖାଇ ଲକ୍ଷ୍ମୀ ପଚାରିଲେ
କଳାଶ୍ରୀମୁଖକୁ ଚାହିଁ...
ଅଧରପଣାକୁ ମିଠା କରିକରିଦେଲ
ଚଣ୍ଡି ଚାମୁଣ୍ଡାଙ୍କ ପାଇଁ...
ମୁଲ କମିଗଲା କିହେ ସାଇଁ ...
ଭକତଙ୍କ ଦେହେ ସୁଗାର ଅଧିକ
ଭାବି ଢାଳିଦେଲ କାଇଁ ...



- ସମ୍ଭିତ ସେନାପତି

## ବୋଉର ରୋଷେଇ ଘର

# ମକା ଚିକେନ ଚଟପଟି



**ଆବଶ୍ୟକ ଉପକରଣ:** ଚିକେନ – ୨କପ (ଛଣା ହୋଇଥିବା) ସିଝା ମକା – ୧କପ ବିନସ୍ – ୧କପ ସିମଲା ଲଙ୍କା – ୧କପ ପିଆଜ – ୧ଟି (କଟା ହୋଇଥିବା) ରସୁଣ – ଅଳ୍ପ ଲୁଣ – ଆବଶ୍ୟକ ପରିମାଣରେ ଲଙ୍କା ଗୁଣ୍ଡ – ଅଳ୍ପ ଜିରା ଗୁଣ୍ଡ – ଅଳ୍ପ ଗୋଲମରିଚ ଗୁଣ୍ଡ – ଅଳ୍ପ ତେଲ – ଆବଶ୍ୟକ ପରିମାଣରେ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କଡ଼େଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଏଥିରେ ପିଆଜ, ରସୁଣ, ସିମଲା ଲଙ୍କା, ପକାଇ ଭାଜି ଦିଅନ୍ତୁ। ଭାଜିବା ପରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ପକାଇ ଗୋଳାନ୍ତୁ। ଏବେ ଏଥିରେ ବିନସ, ସିଝା ମକା ପକାଇ କିଛି ସମୟ ଭାଜିବା ପରେ ଛଣା ଚିକେନ, ଲୁଣ, ଗୋଲମରିଚ ଗୁଣ୍ଡ ପକାଇ ୩ ରୁ ୪ ମିନିଟ ଗ୍ୟାସରେ ବସାଇ ଏକ ପାତ୍ରକୁ କାଢି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମକା ଚିକେନ ଚଟପଟି ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ଗୁରପ୍ରିତଙ୍କ ହାତ ଧରିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ, ସରିଲା ବିବାହ



**ଚଣ୍ଡିଗଡ(ଏଜେନ୍ସି):** ମୁଣ୍ଡରେ ହଳଦିଆ ପଗଡି, ହାତରେ ପାରମ୍ପରିକ ଖଣ୍ଡା। ସେରୱାନି ପିନ୍ଧି ବର ବେଶରେ ନଜର ଆସିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ। ସେପଟେ ନାଲି ଲେହେଙ୍ଗା ପିନ୍ଧି କନିଆଁ ବେଶରେ ସେଜଇ ହୋଇଛନ୍ତି ଡାକ୍ତର ଗୁରପ୍ରିତ କୌର। ଗୁରୁଦ୍ୱାରାରେ ଗୁରପ୍ରିତଙ୍କ ସହ ବିବାହ କରିଛନ୍ତି ୪୮ ବର୍ଷୀୟ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ। ଏହି ବିବାହ ବେଳର ଫଟୋ ଏବେ ସୋଶାଲ ମିଡିଆରେ ଭାଇରାଲ ହୋଇଛି। ସବୁଠୁ ବଡ କଥା ହେଉଛି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ବିବାହ ଉତ୍ସବରେ ଉପସ୍ଥିତ ରହି ଭଗୱନ୍ତଙ୍କ ବାପା ଭାବେ ବିବାହର ସବୁ କର୍ମ ତୁଲାଇଛନ୍ତି। ଆରମ୍ଭରୁ ଶେଷ ଯାଏଁ କେଜ୍ରିୱାଲଙ୍କୁ ସବୁ ସ୍ଥାନରେ ଦେଖିବାକୁ ମିଳିଥିଲା। ମାନଙ୍କ ବଧୂ ହୋଇଥିବା ଗୁରୁପ୍ରୀତ୍ ତାଙ୍କଠାରୁ ୧୬ ବର୍ଷ ସାନ। ଦୁହିଁଙ୍କ ସାକ୍ଷାତ ୪ ବର୍ଷ ପୂର୍ବେ ହୋଇଥିଲା। ଯେତେବେଳ ମାନ୍ ହାସ୍ୟ ଅଭିନେତା ଭାବେ ସକ୍ରିୟ ଥିଲେ ସେବେଠାରୁ ଗୁରୁପ୍ରୀତ୍ ତାଙ୍କର ପ୍ରଶଂସକ ବୋଲି କୁହାଯାଉଛି। କେବଳ ସେତିକି ନୁହେଁ ୩୨ ବର୍ଷୀୟ ଗୁରପ୍ରିତ ପଞ୍ଜାବ ନିର୍ବାଚନ ପ୍ରଚାର ବେଳେ ମାନଙ୍କୁ ସହାୟତା ମଧ କରିଥିଲେ। ଚଣ୍ଡିଗଡ଼ରେ ଏହି ବିବାହ ଅନୁଷ୍ଠିତ ହୋଇଛି। ଏହି ବିବାହ ସମାରୋହ ମୁଖ୍ୟମନ୍ତ୍ରୀମାନଙ୍କ ବାସଭବନରେ ହୋଇଥିବା ବେଳେ ଏଥିରେ ଆପ୍ ନେତା ରାଘବ ଚଡ୍ଡା ଓ ଅନେକ ମନ୍ତ୍ରୀମାନେ ମଧ ସାମିଲ ହୋଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭଗୱନ୍ତ ମାନଙ୍କ ମା' ହରପାଲଙ୍କର ଇଚ୍ଛା ଥିଲା ଯେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ପୁଣି ଥରେ ବିବାହ କରନ୍ତୁ। ମା' ଏବଂ ଭଉଣୀ ମନପ୍ରୀତ କେ ?ର ନିଜେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ପାଇଁ ଝିଅକୁ ଖୋଜିଥିଲେ ବୋଲି ଚଡ୍ଡା କହିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ଦ୍ୱିତୀୟ ବିବାହ। ପ୍ରଥମ ପତ୍ନୀଙ୍କର ଦୁଇ ସନ୍ତାନ ଅଛନ୍ତି। ଦୁହେଁ ବିଦେଶରେ ରୁହନ୍ତି। ୨୦୧୫ରେ ପ୍ରଥମ ପତ୍ନୀଙ୍କ ଠାରୁ ଛାଡପତ୍ର ନେଇଥିଲେ ଭଗୱନ୍ତ ମାନ୍। ୨୦୧୫ରେ ଛାଡପତ୍ର ପରେ ମାନ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେଆର କରିଥିଲେ। ଏଥିରେ ସେ କହିଥିଲେ ଯେ ସେ ନିଜ ପରିବାରକୁ ପଛ କରି ପଞ୍ଜାବକୁ ବାଛିଛନ୍ତି। ରାଜନୀତି ପାଇଁ ସେ ତାଙ୍କ ପତ୍ନୀଙ୍କଠାରୁ ଅଲଗା ହେଉଛନ୍ତି।

# ଉଦ୍ଧବଙ୍କୁ ଗୋଟିଏ ପରେ ଗୋଟିଏ ଝଟ୍କା ଦେଉଛନ୍ତି ସିନ୍ଦେ



**ପୁଣେ (ଏଜେନ୍ସି):** ମୁଖ୍ୟମନ୍ତ୍ରୀ ଆସନରୁ ଇସ୍ତଫା ଦେବା ପରେ ଶିବେସନା ମୁଖ୍ୟ ଉଦ୍ଧବ ଠାକରେଙ୍କ ଚିନ୍ତା ବଢିବାରେ ଲାଗିଛି। ବିଧାୟକଙ୍କ ପରେ ସାଂସଦମାନେ ମଧ ଉଦ୍ଧବଙ୍କ ଶିବିର ଛାଡି ଏକନାଥଙ୍କ କ୍ୟାମ୍ପରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି। ଏହାରି ଭିତରେ ଥାନେ ପରିଷଦର ୬୭ କର୍ପୋରେଟରୁ ୬୬ କର୍ପୋରେଟ ଉଦ୍ଧବ ଶିବିର ଛାଡି ଏକନାଥ କ୍ୟାମ୍ପରେ ସାମିଲ ହୋଇଛନ୍ତି। ମହାରାଷ୍ଟ୍ରରେ ମୁମ୍ବାଇ ପରେ ଥାନେ ହେଉଛି ଦ୍ୱିତୀୟ ସର୍ବବୃହତ ପରିଷଦ। ତେଣୁ ଉଦ୍ଧବ ନେତୃତ୍ୱାଧୀନ ଶିବସେନାକୁ ଗୋଟିଏ ବଡ ଝଟକା ଲାଗିଛି।

ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ୧୯୯୭ରେ ଥାନେରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏଠାକାର ବଡ ନେତା ଭାବେ ପରିଚିତ। ଏକନାଥ ସିନ୍ଦେ ୨୦୦୧ ଓ ୨୦୦୨ରେ ଥାନେ ମହାନଗର ନିଗମ ନିର୍ବାଚନରେ ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୧୪ ଓ ୨୦୧୯ରେ ସେ ଥାନେର କୋପରୀ ପଚପାଖାଡି ଆସନରୁ ବିଜୟୀ ହୋଇଆସୁଛନ୍ତି। ଗତକାଲି ଏକନାଥଙ୍କୁ ଚେକ୍ ଦେବାକୁ ଯାଇ ଥାନେର ସାଂସଦଙ୍କୁ ଲୋକସଭାର ମୁଖ୍ୟ ସଚେତକ କରାଇଥିଲା ଉଦ୍ଧବ ନେତୃତ୍ୱାଧୀନ ଶିବସେନା। ବୁଧବାର ଲୋକସଭାରେ ସାଂସଦ ଭାବନା ଗୱାଲିଙ୍କ ସ୍ଥାନରେ ରାଜନ ବିଚାରେଙ୍କୁ ଦଳର ମୁଖ୍ୟ ସଚେତକ ଭାବେ ମନୋନୀତ କରିଛି। ସଂସଦୀୟ ଦଳର ନେତା ସଞ୍ଜୟ ରାଉତ ଏ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି। ଗୱାଲି ଏକନାଥ ସିନ୍ଦେଙ୍କ କ୍ୟାମ୍ପର ବୋଲି ସୂଚନା ରହିଛି। ବିଦ୍ରୋହ ବେଳେ ବିଜେପି ସହ ମେଣ୍ଟ କରିବାକୁ ପରାମର୍ଶ ଦେଉଥିବା ଶିବସେନା ସାଂସଦମାନଙ୍କ ମଧରୁ ସେ ଜଣେ ଥିଲେ। ଏବେର ମୁଖ୍ୟସଚେତକ ରାଜନ ଥାନେ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ବିଧାନପରିଷଦ ଏବଂ ରାଜ୍ୟସଭା ନିର୍ବାଚନ ହୋଇଥିଲା। ଏହି ସମୟରେ ଏକନାଥ ଦଳରେ ବିଦ୍ରୋହ କରି ବିଧାୟକଙ୍କୁ ନେଇ ଆସାମର ରାଜଧାନୀ ଗୌହାଟୀରେ ପହଞ୍ଚିଥିଲେ। ପରେ ନିଜ ସମର୍ଥନରେ ଶିବସେନାର ଅଧିକାଂଶ ବିଧାୟକଙ୍କୁ ଆଣି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ କରି ଦେଇଥିଲେ।

# ଏଲନ ମସ୍କଙ୍କ ସମେତ ୫୦୦ ଧନୀଙ୍କ ସମ୍ପତ୍ତି ୧.୪ ଟ୍ରିଲିୟନ ଡଲାର ଖସିଲା



**ୱାଶିଂଟନ(ଏଜେନ୍ସି):** ଚଳିତ ବର୍ଷର ପ୍ରଥମ ୬ ମାସରେ ବ୍ୟାପକ କ୍ଷତି ସହିଛନ୍ତି ବିଶ୍ୱର ଅଧିକାଂଶ ଧନୀ ବ୍ୟକ୍ତି। ମହାମାରୀ କରୋନାର ପ୍ରକୋପ ହ୍ରାସ ପାଇଥିଲେ ମଧ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କ ଠାରୁ ଆରମ୍ଭ କରି ଜେଫ ବେଜୋସ ଓ ଅନ୍ୟ ଧନୀ ବ୍ୟକ୍ତିମାନଙ୍କ ସମ୍ପତ୍ତି ହଠାତ୍ ହ୍ରାସ ପାଇଛି। ମୋଟ ଉପରେ ବିଶ୍ୱର ୫୦୦ ଧନୀ ବ୍ୟକ୍ତିଙ୍କ ୧.୪ ଟ୍ରିଲିୟନ ଡଲାରର କ୍ଷତି ସହିଛନ୍ତି। ଏହାର ଅର୍ଥ ସେମାନଙ୍କ ସମ୍ପତ୍ତିର ମୂଲ୍ୟ ହ୍ରାସ ପାଇଛି। ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ମସ୍କଙ୍କ ସମ୍ପତ୍ତି ପ୍ରାୟ ୬୨ ବିଲିୟନ ଡଲାର ହ୍ରାସ ପାଇଛି। ସେହିପରି ଆମଜନ ପ୍ରତିଷ୍ଠାତା ଜେଫ ବେଜୋସ ମଧ ୬୩ ବିଲିୟନ ଡଲାରର କ୍ଷତି ସହିଛନ୍ତି। ମେଟାର ମାଲିକ ମାର୍କ ଜୁକରବର୍ଗଙ୍କ ସମ୍ପତ୍ତି ଅଧାରୁ ଅଧିକ ହ୍ରାସ ପାଇଛି। ଏହିପରି ଭାବେ ବିଶ୍ୱରର ୫୦୦ ଜଣ ଧନୀ ବ୍ୟକ୍ତି ୨୦୨୨ର ପ୍ରଥମ ୬ ମାସ ଅର୍ଥାତ ଜାନୁଆରୀରୁ ଜୁନ୍ ମଧରେ ମୋଟ ୧.୪ ଟ୍ରିଲିୟନ ଡଲାରର କ୍ଷତି ସହିଛନ୍ତି। ପ୍ରଥମଥର ପାଇଁ ବିଶ୍ୱର ଧନୀ ବ୍ୟକ୍ତିଙ୍କ ସମ୍ପତ୍ତିରେ ଏପରି ହ୍ରାସ ଦେଖିବାକୁ ମିଳିଛି। ଟେକ୍ନିକାଲ କମ୍ପାନୀ ଠାରୁ ଆରମ୍ଭ କରି କ୍ରିପ୍ଟୋକରେନ୍ସିର ମୂଲ୍ୟ ଏବେ ହ୍ରାସ ପାଉଛି। ସେହିପରି ଅନ୍ତର୍ଜାତୀୟ ସ୍ତରରେ ଅର୍ଥନୀତିକ ଅଭିବୃଦ୍ଧି କରୋନାର ପରବର୍ତ୍ତୀ ସମୟରେ ସେତାଟା ଆଖି ଦୃଶିଆ ହୋଇନି। ଏହାବାଦ ମୁଦ୍ରାସ୍ଫୀତି ମଧ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ହ୍ରାସ ହେବାର ଆଉ ଏକ କାରଣ। ଏହି ସମୟରେ ମସ୍କଙ୍କ ଟେସଲା ଆଇଏନସି ସବୁଠାରୁ ଅଧିକ କ୍ଷତି ସହିଛି। ଆମାଜନର ମଧ ଆଖି ଦୃଶିଆ କ୍ଷତି ହୋଇଛି। ସମ୍ପତ୍ତି ହ୍ରାସ ସତ୍ତ୍ୱେ ମସ୍କ ଏବେ ବି ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି। ତାଙ୍କ ସମ୍ପତ୍ତିର ମୂଲ୍ୟ ୨୦୮.୫ ବିଲିୟନ ଡଲାର। ଆମାଜନର ମାଲିକ ବେଜୋସ୍ ୧୨୯.୬ ବିଲିୟନ ଡଲାର ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫ୍ରାନ୍ସର ସବୁଠାରୁ ଧନୀ ବ୍ୟକ୍ତି ବେର୍ନାର୍ଡ ଆର୍ନଲ୍ଟଙ୍କ ସମ୍ପତ୍ତିର ମୂଲ୍ୟ ୧୨୮.୭ ବିଲିୟନ ଡଲାର। ସେ ବିଶ୍ୱ ଧନୀ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଚତୁର୍ଥ ସ୍ଥାନରେ ଥିବା ବିଲ ଗେଟ୍ସଙ୍କ ସମ୍ପତ୍ତିର ମୂଲ୍ୟ ୧୧୪.୮ ବିଲିୟନ ଡଲାର। ୧୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସମ୍ପତ୍ତି ରଖିଥିବା ତାଲିକାରେ ଏହି ୪ ଜଣ ବ୍ୟକ୍ତି ହିଁ ଅଛନ୍ତି। ବର୍ଷ ଆରମ୍ଭରୁ ୧୦ ଜଣଙ୍କର ସମ୍ପତ୍ତି ୧୦୦ ବିଲିୟନ ଡଲାର ଉପରେ ରହିଥିଲା ଏମାନଙ୍କ ମଧରେ ଜୁକରବର୍ଗ ମଧ ଥିଲେ। ହେଲେ ଏବେ ସେ ୬୦ ବିଲିୟନ ଡଲାରର ସମ୍ପତ୍ତି ସହ ୧୭ତମ ସ୍ଥାନକୁ ଖସି ଯାଇଛନ୍ତି।

## ଏବେ କେଉଁଠି ବି ନିରାପଦ ମଣୁନାହିଁ: ଲୀନା ମଣିମେକଲାଇ

**ନୂଆଦିଲ୍ଲୀ(ଏଜେନ୍ସି):** ମୁକ୍ତିଲାଭ କରିବାକୁ ଯାଉଥିବା ପ୍ରାମାଣିକ ଚଳଚ୍ଚିତ୍ର 'କାଳୀ'ର ନିର୍ମାତ୍ରୀ ଲୀନା ମଣିମେକଲାଇ କହିଛନ୍ତି ଯେ, ଏବେ ସେ କେଉଁଠି ବି ନିରାପଦ ମଣୁନାହାନ୍ତି। ଟୁଇଟ୍ କରି ସେ ଲେଖିଛନ୍ତି, ମନେହେଉଛି, ମତେ 'ସେନ୍ସର' କରିବା ଲାଗି ସମଗ୍ର ଦେଶ ବୃହତ୍ତମ ଗଣତନ୍ତ୍ରରୁ ନିମ୍ନଗାମୀ ହୋଇ ବୃହତ୍ତମ ଘୃଣାର ମେସିନ୍ରେ ପରିଣତ ହୋଇଯାଇଛି। ସୂଚନାଯୋଗ୍ୟ, ପ୍ରାମାଣିକ ଚଳଚ୍ଚିତ୍ର 'କାଳୀ'ର ପୋଷ୍ଟର୍ ସାମାଜିକ ଗଣମାଧ୍ୟମରେ ରିଲିଜ୍ କରିବା ପରଠାରୁ ଲୀନା ତୀବ୍ର ସମାଲୋଚନାର ସରବ୍ୟ ହୋଇ ଆସୁଛନ୍ତି। ତାଙ୍କ ନାଁରେ କେତେଗୁଡ଼ିଏ 'ଏଫ୍ଆଇଆର' ମଧ ପଞ୍ଜିକୃତ ହୋଇଛି। 'କାଳୀ'ର ପୋଷ୍ଟରକୁ କେନ୍ଦ୍ର କରି ବାଦବିସମ୍ବାଦ ଚାଲିଛି। ଏ ଭଳି ପରିସ୍ଥିତିରେ ଲୀନା ଆଉ ଗୋଟିଏ ବିବାଦୀୟ ଫଟୋ ଟୁଇଟ୍ କରିଛନ୍ତି। ଜଣେ ଭଗବାନ ଶିବ ଏବଂ ଆଉ ଜଣେ ହିନ୍ଦୁ ଦେବୀଙ୍କ ବେଶରେ ସଜ୍ଜିତ ହୋଇ ଦୁଇଜଣି ଧୂମପାନ କରୁଥିବା ଦୃଶ୍ୟ ଉକ୍ତ ଫଟୋରେ ରହିଛି।

## ଟିଏମସି ନେତାଙ୍କ ସମେତ ୩ ଜଣଙ୍କୁ ଗୁଳି କରି ହତ୍ୟା

**କୋଲକାତା(ଏଜେନ୍ସି):** ଦିନକୁ ଦିନ ଦେଶରେ ବଢ଼ି ଚାଲିଛି ହତ୍ୟା ଘଟଣା। ଏବେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ନେତାଙ୍କ ସମେତ ତିନି ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଦକ୍ଷିଣ ୨୪ ପରଗନା ଜିଲ୍ଲାରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, କିଛି ଅଜଣା ବ୍ୟକ୍ତି ବାଇକରେ ଯାଉଥିବା ଟିଏମସି ନେତା ସ୍ୱପନ ମାଝୀ ଓ ତାଙ୍କର ଦୁଇ ଜଣ ସାଥୀଙ୍କୁ ଗୁଳିମାଡ କରିଥିଲେ। ଘଟଣାସ୍ଥଳରେ ହିଁ ତିନି ଜଣଙ୍କ ମୃତ୍ୟୁ ହୋଇଛି। କୁହାଯାଉଛି ଯେ, ଦକ୍ଷିଣ ୨୪ ପରଗନା ଜିଲ୍ଲାର କ୍ୟାନିଙ୍ଗରେ ଟିଏମସି ନେତା ସ୍ୱପନ ମାଝୀ ନିଜ ଦୁଇ ସାଥୀଙ୍କ ସହ ବାଇକରେ ଯାଉଥିଲେ। ସେ ବଜାରରୁ ଫେରିବା ବେଳେ କିଛି ଲୋକ ତାଙ୍କ ବାଇକୁ ଅଟକାଇ ତାଙ୍କ ଜନଗହଳି ପୂର୍ଣ୍ଣ ସ୍ଥାନରେ ଉପରକୁ ଆଖିବୁଜା ଗୁଳିମାଡ କରିଥିଲେ। ଏହା ଦେଖି ତାଙ୍କ ସହଯୋଗୀମାନେ ପଳାଇ ଯିବାକୁ ଚେଷ୍ଟା କରିବାବେଳେ ତାଙ୍କ ଉପରକୁ ମଧ ଗୁଳିମାଡ ହୋଇଥିଲା। ଏହାପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପୁଲିସ ଘଟଣାସ୍ଥଳରୁ ଗୁଳିର ଖାଲି ଖୋକା ଓ ବୋମା ଜବତ କରିଛି। ଘଟଣାର ତଦନ୍ତ ଜାରି ରଖିଛି ପୁଲିସ।

# ଆଇନ ଅଦାଲତ

## ପ୍ରଧାନ ବିଚାରପତିଙ୍କୁ ଚିଠି : ମାମଲା ଶୁଣାଣିରୁ ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କୁ ବାଦ୍ ଦିଆଯାଉ



**ନୂଆଦିଲ୍ଲୀ(ଏଜେନ୍ସି):** ବିଜେପିର ନିଲମ୍ବିତ ନେତ୍ରୀ ନୂପୁର ଶର୍ମାଙ୍କ ପ୍ରସଙ୍ଗରେ ସୁପ୍ରିମକୋର୍ଟ ନିକଟରେ ଦେଇଥିବା ଟିପ୍ପଣୀଙ୍କୁ ବିରୋଧ କରିଛନ୍ତି କେତେକ ଅବସରପ୍ରାପ୍ତ ବିଚାରପତି, ଅମଲାତନ୍ତ୍ର ଅଧିକାରୀ ଓ ଅବସରପ୍ରାପ୍ତ ସେନା ଅଧିକାରୀ। ନୂପୁରଙ୍କ ପ୍ରସଙ୍ଗରେ ଦିଆଯାଇଥିବା ଟିପ୍ପଣୀକୁ ପ୍ରତ୍ୟାହାର କରିବା ଲାଗି ଏହିସବୁ ବିଶିଷ୍ଟ ବ୍ୟକ୍ତି ବିଶେଷ ପ୍ରଧାନ ବିଚାରପତି ଏନଭି ରମଣାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ମଧରେ ଅଛନ୍ତି ୧୫ଜଣ ଅବସରପ୍ରାପ୍ତ ବିଚାରପତି, ୭୭ଜଣ ପୂର୍ବତନ ଅମଲାତନ୍ତ୍ର ଅଧିକାରୀ ଓ ୨୫ଜଣ ଅବସରପ୍ରାପ୍ତ ସେନା ଅଧିକାରୀ। ପ୍ରଧାନ ବିଚାରପତିଙ୍କ ନିକଟକୁ ଲେଖିଥିବା ଚିଠିରେ ଏହିସବୁ ବ୍ୟକ୍ତି ବିଶେଷ କହିଛନ୍ତି ଯେ ନୂପୁରଙ୍କ ସମ୍ପର୍କରେ ଦିଆଯାଇଥିବା ଟିପ୍ପଣୀରେ ସୁପ୍ରିମକୋର୍ଟ ଲକ୍ଷ୍ମଣ ରେଖା ଅତିକ୍ରମ କରିଛନ୍ତି। ତେଣୁ ଏହି ଟିପ୍ପଣୀକୁ ସଂଶୋଧନ କରାଯାଉ। ଜୁଲାଇ ୧ରେ ସୁପ୍ରିମକୋର୍ଟ ବିଚାରପତି ସୂର୍ଯ୍ୟ କାନ୍ତ ଓ ଜେବି ପର୍ଡିୱାଲାଙ୍କୁ ଗଠିତ ପୀଠ ନୂପୁର ଶର୍ମାଙ୍କ ପକ୍ଷରୁ ଦାୟର ଏକ ପିଟିସନ ଉପରେ ଶୁଣାଣି କାଳରେ ତାଙ୍କୁ ଭର୍ତ୍ସନା କରିଥିଲେ। ମହମ୍ମଦଙ୍କ ସମ୍ପର୍କରେ ନୂପୁର ଦେଇଥିବା ମନ୍ତବ୍ୟକୁ ନେଇ ପୀଠ କହିଥିଲେ ଯେ ତାଙ୍କ ପାଇଁ ଦେଶ ଜଳୁଛି। ଲୋକଙ୍କୁ ହତ୍ୟା କରାଯାଉଛି। ତେଣୁ ସେ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ। ଚିଠିରେ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ଆଗାମୀ ଦିନରେ କୌଣସି ମାମଲା ଶୁଣାଣି କରିବାକୁ ନ ଦେବା ଲାଗି ମଧ କୁହାଯାଇଛି।

ଜାମ୍ମୁସ୍ଥିତ 'ଫୋରମ ଫର ହ୍ୟୁମ୍ୟାନ ରାଇଟ୍ସ ଆଣ୍ଡ ସୋସିଆଲ ଜଷ୍ଟିସ, ଜେଆଣ୍ଡକେ ଆଣ୍ଡ ଲଦାଖ' ମଧ ଏ ପ୍ରସଙ୍ଗରେ ଏକ ଚିଠି ଲେଖି ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ମାମଲା ଶୁଣାଣି ଲାଗି ନ ଦେବାକୁ କହିଛି। ଚିଠିରେ ସ୍ୱାକ୍ଷର କରିଥିବା ଅବସରପ୍ରାପ୍ତ ବିଚାରପତିମାନେ ହେଲେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି କ୍ଷୀତିଜ୍ ବ୍ୟାସ, ଗୁଜରାଟ ହାଇକୋର୍ଟର ବିଚାରପତି ଏସଏମ୍ ସୋନି, ରାଜସ୍ଥାନ ହାଇକୋର୍ଟର ବିଚାରପତି ଆରଏସ୍ ରାଠୋଡ, ପ୍ରଶାନ୍ତ ଅଗ୍ରୱାଲ, ଦିଲ୍ଲୀ ହାଇକୋର୍ଟର ବିଚାରପତି ଏସ୍ଏନ ଧିଙ୍ଗ୍ରା। ସେହିପରି ପୂର୍ବତନ ଆଇଏଏସ୍ ଆରଏସ୍ ଗୋପାଳନ, ଏସ୍ କୃଷ୍ଣକୁମାର, ପୂର୍ବତନ ଡିଜିପି ଏସପି ବୈଦ, ବିଏଲ୍ ଭୋରା, ଅବସରପ୍ରାପ୍ତ ଏୟାର ମାର୍ଶାଲ ଏସପି ସିଂହ, ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ ଭିକେ ଚତୁର୍ବେଦୀ ପ୍ରମୁଖ ଉକ୍ତ ଚିଠିରେ ସ୍ୱାକ୍ଷର କରିଛନ୍ତି।

## ଆଇଟିଆରରୁ ତଥ୍ୟ ଲିକ୍ ଅଭିଯୋଗରେ ଗିରଫ ଅଭିଯୁକ୍ତଙ୍କ ଉପରୁ ହଟିଲା ୩ ଦଫା




**ବାଲେଶ୍ୱର (ଏନ୍.ଏମ୍.):** ଚାନ୍ଦିପୁର ଆଇଟିଆରରୁ ତଥ୍ୟ ଲିକ୍ ଅଭିଯୋଗ ମାମଲାରେ ଆବଶ୍ୟକ କାଗଜପତ୍ର ଅଭାବରୁ ଅଭିଯୁକ୍ତଙ୍କ ଉପରୁ ୩ଟି ଦଫା ହଟାଯାଇଛି। ଅଭିଯୁକ୍ତଙ୍କ ଉପରେ ଲାଗିଥିବା ଅଫିସିଆଲ୍ ସିକ୍ରେଟ ଆକ୍ଟ ୩, ୪, ୫ ହଟିଥିବା ଜଣାପଡ଼ିଛି। ତେବେ ଆବଶ୍ୟକ ଡକ୍ୟୁମେଣ୍ଟ ନଥିବାରୁ ଏଡିଜେ-୩ ଏହି ୩ଟି ଦଫା ହଟାଇଛନ୍ତି। ୫ ଜଣଙ୍କ ନାଁରେ ଦଫା ୧୨୦ ବି, ୧୨୧ ଏ ଓ ୩୪ ଓଡରେ ମାମଲା ହୋଇଥିଲା। ସେମାନଙ୍କ ନାଁରେ ଅଫିସିଆଲ ସିକ୍ରେଟ ଆକ୍ଟ ୩, ୪ ଓ ୫ ବି ଲାଗିଥିଲା। ଅଫିସିଆଲ ସିକ୍ରେଟ ଆକ୍ଟ ଲାଗିଲେ କେନ୍ଦ୍ରରୁ ପ୍ରସିକ୍ୟୁସନ୍ ସାଙ୍କସନ୍ ଆଣିବା କଥା। କିନ୍ତୁ ଚାର୍ଜସିଟ୍ ଦାଖଲ ବେଳେ ପ୍ରସିକ୍ୟୁସନ ସାଙ୍କସନ ଅର୍ଡର ଦାଖଲ ହୋଇନଥିଲା। ପ୍ରସିକ୍ୟୁସନ ସାଙ୍କସନ ଅର୍ଡର ନଥିବାରୁ ୩ଟି ଦଫା ହଟାଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀ ଗୁରୁପ୍ରସାଦ ବେହେରା ଏନେଇ ସୂଚନା ଦେଇଛନ୍ତି। ଡିଆରଡିଓର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୁଲିସ୍ ଚାନ୍ଦିପୁର ଆଇଟିଆର୍ ଜଣେ କର୍ମଚାରୀ ଓ ୪ ଜଣ ଠିକା କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଖମ୍ପରାହାଟ ଗାଁର ବସନ୍ତ ବେହେରା, ଶ୍ରୀକୋଣା ଗ୍ରାମର ଶେଖ୍ ମୁଶାଫିର, ପାଳଶିଆର ତାପସ ରଞ୍ଜନ ନାୟକ, ବୁଆଁଳ ଗାଁର ହେମନ୍ତ କୁମାର ମିସ୍ତ୍ରୀ ଓ ଉତ୍ତରପ୍ରଦେଶର ସଚିନ କୁମାର ଓରଫ ଛତା। ଏମାନେ ଦୀର୍ଘ ବର୍ଷ ଧରି ଆଇଟିଆରରେ କାମ କରୁଥିଲେ। କିଏ ୧୦ ବର୍ଷ ଧରି କାମ କରୁଥିଲା, ତ ଆଉ କିଏ ୨୦ ବର୍ଷ ଧରି ଚାକିରି କରୁଥିଲା।

## ସମ୍ପର୍କ ତୁଟିବା ପରେ ବଳାତ୍କାର ଅଭିଯୋଗ ସାଧାରଣ କଥା ହେଲାଣି : ହାଇକୋର୍ଟ




**କୋଚି (ଏଜେନ୍ସି):** ସହମତି ଭିତ୍ତିରେ ବାନ୍ଧବୀ ସହିତ ଯୌନ ସମ୍ପର୍କ ରଖିବା ଓ ପରବର୍ତ୍ତୀ ସମୟରେ ବିବାହ ପାଇଁ ମନା କରିବା ଜଣେ ପୁରୁଷ ବନ୍ଧୁ କ୍ଷେତ୍ରରେ ବଳାତ୍କାର ଅପରାଧ ଅଭିଯୋଗ ପ୍ରଯୁଜ୍ୟ ନୁହେଁ ବୋଲି କେରଳ ହାଇକୋର୍ଟ ମତବ୍ୟକ୍ତ କରିଛନ୍ତି। ହାଇକୋର୍ଟ ଏପରି ମତବ୍ୟକ୍ତ କରିବା ସହ ଜଣେ ବଳାତ୍କାର ଅଭିଯୁକ୍ତକୁ ଜାମିନ ପ୍ରଦାନ କରିଛନ୍ତି। ଯୌନ ସମ୍ପର୍କ କ୍ଷେତ୍ରରେ ଯଦି ସମ୍ମତି ନଥାଏ ତେବେ ତାକୁ ବଳାତ୍କାର ଅପରାଧ ବୋଲି ବିବେଚନା କରାଯିବ ବୋଲି ହାଇକୋର୍ଟ ବିଚାରପତି ବେଚୁ କୁରିଏନ୍ ଥମାସ କହିଛନ୍ତି। ଜଣେ ଓକିଲ ତାଙ୍କ ବାନ୍ଧବୀଙ୍କ ସହିତ ଦୀର୍ଘ ୪ବର୍ଷ କାଳ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ମନା କରିଦେଇଥିଲେ। ଏଥିପାଇଁ ବାନ୍ଧବୀ ଜଣଙ୍କ ସମ୍ପୃକ୍ତ ଓକିଲଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ବଳାତ୍କାର ଅଭିଯୋଗ ଆଧାରରେ ପୁଲିସ ପୁରୁଷ ବନ୍ଧୁଙ୍କୁ ଗିରଫ କରିଥିଲା। ଗିରଫ ପରେ ଜାମିନ ନିମନ୍ତେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଦୁଇଜଣ ପ୍ରାପ୍ତ ବୟସ୍କ ସାଥୀଙ୍କ ମଧରେ ସହମତି ଭିତ୍ତିରେ ହେଉଥିବା ଶାରୀରିକ ସମ୍ପର୍କକୁ ବଳାତ୍କାର ବୋଲି କୁହାଯାଇପାରିବ ନାହିଁ। ଛଳନାପୂର୍ଣ୍ଣ କିମ୍ବା ମିଥ୍ୟା ପ୍ରତିଶ୍ରୁତିରେ ଯଦି ସମ୍ମତି ହାସଲ କରାଯାଇଥିବ ତେବେ ତାକୁ ବଳାତ୍କାର କୁହାଯାଇପାରିବ। ଦୁଇ ସାଥୀଙ୍କ ମଧରେ ଯୌନ ସମ୍ପର୍କ ବିବାହର ରୂପ ନନେଲେ ଏହାକୁ ବଳାତ୍କାର କୁହାଯାଇପାରିବ ନାହିଁ। ହାଇକୋର୍ଟ କହିଛନ୍ତି ଯେ ଦୁଇ ଜଣଙ୍କ ମଧରେ ଶାରୀରିକ ସମ୍ପର୍କ ଯଦି ବିବାହର ରୂପ ନ ନିଏ ତେବେ ବଳାତ୍କାର ଅଭିଯୋଗ ଆଣିବା ଆଜିକାଲି ସାଧାରଣ କଥା ହୋଇଗଲାଣି।

## ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ଆରମ୍ଭ ହେଲା ଜେଲ ପରେଡ

**ଭୁବନେଶ୍ୱର (ଏନ୍.ଏମ୍.):** ଆକ୍ସନ ମୋଡରେ କମିଶନରେଟ ପୁଲିସ। ଆଉ ଖସିପାରିବେନି ଅପରାଧୀ। ଏଥିପାଇଁ କମିଶନରେଟ ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଜେଲ ପରେଡ଼ । ରାଜଧାନୀରେ ଅପରାଧୀଙ୍କୁ ସାବାଡ଼ କରିବ ଜେଲ୍ ପରେଡ। ଆଉ ଜେଲରୁ ଫେରିବା ପରେ ଅପରାଧ ଦୁନିଆରେ ପାଦ ଥାପି ପାରିବେନି ଅପରାଧୀ। ଜେଲ ଫେରନ୍ତାଙ୍କୁ ଚେକ୍ ଦେବାକୁ ଅଣ୍ଟା ଭିଡ଼ିଛି କମିଶନରେଟ ପୁଲିସ। ଏଥିପାଇଁ ମଧ ପୁଲିସ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଏଣିକି ପ୍ରତି ରବିବାର ଜେଲ ଭିତରେ ହେବ ପହରା। ଥାନା ଅଧିକାରୀ ଏବଂ ଏସ୍ଆଇ ଜେଲ ପରିଦର୍ଶନ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବେ। ଏହି ପରିପ୍ରେକ୍ଷୀରେ ଗତ ୧୦ତାରିଖରେ ଝାରପଡା ଜେଲରେ ସବୁ ଥାନାଧିକାରୀ ପହଞ୍ଚିବା ପରେ ଜେଲ ପରେଡ ଆରମ୍ଭ ହୋଇଥିଲା। ଜେଲର ରେଜିଷ୍ଟାର ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କୁ ଛିଡ଼ା କରାଇ ସେମାନଙ୍କ ବାବଦରେ ପୁଲିସ ବିଭିନ୍ନ ତଥ୍ୟ ନେଇଥିଲା। ତେବେ ଅପରାଧୀଙ୍କ ଆଚରଣ, ଉଚ୍ଚାରଣ ଏବଂ କେତେ ମାମଲାରେ ସେମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଥ୍ୟ ନିଆଯାଉଥିବା ଜଣାପଡ଼ିଛି। ସେମାନେ ଘଟାଇଥିବା ଅପରାଧର ତରିକା କ'ଣ । ଜେଲରେ ରହୁଥିବା ଅଭିଯୁକ୍ତମାନେ କାହା ସହ ମିଶୁଛନ୍ତି, କାହା ସହ ବନ୍ଧୁତା ସ୍ଥାପନା କରୁଛନ୍ତି। ମୁଲାକାତ ବେଳେ କାହା ସହ ଭେଟୁଛନ୍ତି ଥାନା ଅଧିକାରୀ ଏ ସବୁର ତର୍ଜମା କରୁଛନ୍ତି। ଫଳରେ ଜାମିନରେ ଆସିବା ପରେ ଅଭିଯୁକ୍ତଙ୍କ ଗତିବିଧି ଉପରେ ଥାନାର ନଜର ରହି ପାରିବ ବୋଲି କମିଶନରେଟ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁମାନେ ଜେଲ ଯାଇଛନ୍ତି ଓ ଜାମିନରେ ବାହାରିବେ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ପରେଡରେ ଏସିପି, ସମସ୍ତ ଥାନାର ଆଇଆଇସି ଓ ପିଓପିଡି ଅଧିକାରୀ ସାମିଲ ହୋଇଛନ୍ତି।




## ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର, ଭଟଲି

ପୁରୁଷୋତ୍ତମ କ୍ଷେତ୍ର ପୁରୀ ଭଳି ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ଭାବରେ ଖ୍ୟାତି ଲାଭ କରିଛି ବରଗଡ ଜିଲ୍ଲାର ଭଟଲି ସ୍ଥିତ ଶ୍ରୀଦଧିବାମନଜୀଉ ମନ୍ଦିର। ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ଖାଲି ଭଗବାନ ପୂଜାହୁଅନ୍ତି ନାହିଁ; ବରଂ ଭଗବାନଙ୍କ ସହ ଭକ୍ତ ମଧ୍ୟ ପୂଜିତ ହୁଅନ୍ତି ଭକ୍ତ ଏବଂ ଭଗବାନଙ୍କ ପାଇଁ ଏଠି ଗୋଟିଏ ଥାଳିରେ ଭୋଗ ବଢ଼ା ଯାଇଥାଏ। କୁହାଯାଏ ଏଠାରେ ବିଗ୍ରହ ଶ୍ରୀକୃଷ୍ଣଙ୍କ ବାଲ୍ୟରୂପ ହୋଇଥିବାରୁ ତାଙ୍କୁ ଅନ୍ନ ଭୋଗ ବଦଳରେ ଦହି, ଦୁଗ୍ଧ ଆଦି ଭୋଗ ଲଗା ଯାଏ। ଦଧି ଭୋଗ ପାଇ ବାମନ ରୂପୀ ଭଗବାନ ଏଠାରେ ପୂଜା ପାଉଥିବା ହେତୁ ତାଙ୍କର ନାମ ଦଧିବାମନ ହୋଇଛି। ବରଗଡ଼ ସହର ଠାରୁ ୧୭ କିଲୋମିଟର ଦୂରରେ ଅବସ୍ଥିତ ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ଏହି ଭଟଲି। କେଉଁ ଆବହମାନ କାଳରୁ ଏଠାରେ ତ୍ରିମୂର୍ତ୍ତି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ପୂଜା ପାଇ ଆସୁଥିଲେ। କିମ୍ବଦନ୍ତୀରୁ ଜଣାଯାଇ ଥାଏ ୧୬୧୭ ମସିହାରେ, ସମ୍ବଲପୁର ରାଜା ବଳିଆର ସିଂହଙ୍କ ରାଜୁତି କାଳରେ ଭକ୍ତ ପରମାନନ୍ଦ ସାହୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏଠାରେ ସ୍ଥାପନ କରି, ପୂଜାର୍ଚ୍ଚନା କରୁଥିଲେ। ତାଙ୍କ ଜ୍ୟେଷ୍ଠ ବଧୂ କମଳା ଏକନିଷ୍ଠ ଭକ୍ତି ସହକାରେ ମହାପ୍ରଭୁଙ୍କୁ ପୂଜା କରନ୍ତି। ପ୍ରଭୁ ସେତେବେଳେ ଗୋଟିଏ କ୍ଷୁଦ୍ର ନଡ଼ା ଛପର ଘରେ ରହି ପୂଜିତ ହେଉଥିଲେ। ବୈଶାଖ ମାସ, ପ୍ରବଳ ଗ୍ରୀଷ୍ମ ପଡ଼ିଥାଏ, ଦିନେ ବିଳମ୍ବିତ ରାତ୍ରିରେ ଠାକୁର ଘରେ ନିଆଁ ଲାଗିଗଲା। ଭଗବାନଙ୍କ ତ୍ରାହି ତ୍ରାହି ଡାକ ପରମାନନ୍ଦ ସାହୁଙ୍କ ବୋହୁ କମଳାଙ୍କୁ ଶୁଣାଗଲା। ସେ ନିଆଁକୁ ଖାତିର ନକରି କୁଡ଼ିଆ ଭିତରେ ପଶି ଭଗବାନ ଜଗନ୍ନାଥଙ୍କ ମୂର୍ତ୍ତିକୁ ଧରି ବାହାରି ଆସିବା ପାଇଁ ଚେଷ୍ଟା କରୁଥାନ୍ତି। ଅଗ୍ନିରେ କବଳିତ ହୋଇ, ସେ କିନ୍ତୁ ଆଉ କୁଟୀର ମଧ୍ୟରୁ ବାହାରି ପାରିଲେ ନାହିଁ। ଗ୍ରାମ ଲୋକମାନଙ୍କର ଶତ ଚେଷ୍ଟା ସତ୍ତ୍ୱେ କମଳାଙ୍କୁ ଆଉ ଉଦ୍ଧାର କରା ଯାଇ ପାରିଲା ନାହିଁ। ଲୋକ ମୁଖରୁ ଶୁଣା ଯାଏ, ଭକ୍ତ କମଳା ମହାପ୍ରଭୁଙ୍କ ଦେହରେ ଲୀନ ହୋଇ ଯାଇଥିଲେ ବୋଲି। ପରେ ଭକ୍ତ ପରମାନନ୍ଦଙ୍କୁ ସପ୍ନାଦେଶ ହେଲା ଯେ ସେହି ଗ୍ରାମରେ ଥିବା ଚକ୍ରତୀର୍ଥ ପୁଷ୍କରିଣୀର ପଙ୍କ ଭିତରେ ମୋର ମୂର୍ତ୍ତି ଅଛି। ମୂର୍ତ୍ତିକୁ ପୂର୍ବ ସ୍ଥାନରେ ସ୍ଥାପନ କରି ଶ୍ରୀଦଧିବାମନ ନାମରେ ପୂଜା କର। ଭକ୍ତ କମଳାଙ୍କ ପ୍ରତିମୂର୍ତ୍ତୀ ମଧ୍ୟ ମୋ ସହ ସ୍ଥାପନ କରି ପୂଜା କର। ଏଠାରେ ଭକ୍ତ ଏବଂ ଭଗବାନ ଏକାଠି ପୂଜା ପାଇବେ। ସ୍ୱପ୍ନାଦେଶ ଅନୁସାରେ, ପ୍ରଭୁ ପୁଷ୍କରିଣୀରୁ ଉଦ୍ଧାର ହୋଇ ମନ୍ଦିରରେ ସ୍ଥାପିତ ହେଲେ ଓ ତାଙ୍କ ସହ ସ୍ଥାପିତ ହେଲା ଭକ୍ତ କମଳାଙ୍କ ପ୍ରତିମୂର୍ତ୍ତି। ସେହି ଦିନ ଠାରୁ ଏଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଦଧି ବାମନ ରୂପେ ପୂଜାପାଇ ଆସୁଛନ୍ତି ଓ ତାଙ୍କ ସହ ପୂଜା ପାଉଛନ୍ତି ଭକ୍ତ କମଳା। ପ୍ରଭୁ ଶ୍ରୀଦଧିବାମନଙ୍କ ରଥ ଯାତ୍ରା ହଜାର ହଜାର ଭକ୍ତଙ୍କ ସମାଗମରେ ଏଠାରେ ବହୁ ଆଡମ୍ବରରେ ପାଳିତ ହୋଇ ଥାଏ। 'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ' ନ୍ୟାୟରେ ଅଗଣିତ ଭକ୍ତ ମହାପ୍ରଭୁଙ୍କୁ ରଥ ଉପରେ ଦର୍ଶନ କରି ମନରଙ୍କା ଛଡାଇ ଥାନ୍ତି। ଭଟଲିର ଶ୍ରୀ ଦଧିବାମନ ଜୀଉଙ୍କ ପୀଠ ସମଗ୍ର ପଶ୍ଚିମ ଓଡ଼ିଶାରେ ଶ୍ରୀକ୍ଷେତ୍ର ଭାବେ ଖ୍ୟାତି ଲାଭ କରିଛି। ପଶ୍ଚିମ ଓଡିଶାର ଅଗଣିତ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପଡୋଶୀ ଛତିଶଗଡ ରାଜ୍ୟର ଦୂର ଦୁରାନ୍ତରୁ ବହୁ ଭକ୍ତଙ୍କ ସମାଗମ ଏଠାରେ ହୋଇଥାଏ। ଆନନ୍ଦୋଲ୍ଲସିତ ଭକ୍ତମାନେ ହର୍ଷ ଚିତ୍ତରେ ଗାଇ ଉଠନ୍ତି :-

ଜୟ ଜଗନ୍ନାଥ ଦଧି ବାମନ ମୂରତି।
ଭକତ ସଙ୍ଗତେ ସଦା ତୋହର ପୀରତି। !!! ଜୟ ଜଗନ୍ନାଥ !!!

- ଅର୍ଜୁନୀ ଚରଣ ବେହେରା
ମୋ -୭୬୯୩୦୯୧୯୭୧

## କବିତା ଗୁଚ୍ଛ

### ବଡ଼ଦାଣ୍ଡରୁ ଚିଠି ଟିଏ...





**ବିରଞ୍ଚି ନାରାୟଣ ମହାନ୍ତି**

କୋଟି ଦଣ୍ଡବତ ମୋର ଦୁଇ ଭାଇ
ଭଉଣୀ ମୋ ଚାନ୍ଦ ମୁହିଁ,
ତିନିରଥେ ବିଜେ ବଡଦାଣ୍ଡେ ଯାଇ
ଶ୍ରୀଗୁଣ୍ଡିଚା ଯାତ ପାଇଁ।

ବରଷକୁ ଥରେ ବାହାରିଛ ଦିଏଁ
ଭଉଣୀକୁ ସାଙ୍ଗେ ନେଇ
ମାଉସୀମା ଘର ବୁଲିଯିବ ବୋଲି
ନ ଦିନ ଛୁଟି ନେଇ।

ବାଟରେ ଦେଖିବ ଭକତ ଜନଙ୍କୁ
ଦୁଃଖିରଙ୍କି ସାଧୁ ସନ୍ଥ,
ସଭିଙ୍କ ଗୁହାରି ଶୁଣୁଥିବ ତୁମ୍ଭେ
ପ୍ରସାରି ଅଦେଖା ହାତ।

ଏ ଭକତ ମେଲୁ ନିଘାକି ରଖିବ
ମୋ ଭଳି ନିରେଖ ଜନ,
ଗାଳି ଶୁଣୁଥାଏ ଦୁଃଖ ଭରୁଥାଏ
ଏଇ ମୋର କାନ ମନ।

ସତେକି କରୁଣା ବରି ବରଷିବ
ସୁଦୟ ହେବ ତୁମର,
ଆଶା ବୈତରଣୀ ମନେ ବହୁ ଅଛି
ଆଖିରେ ନୀଳ ଚକର

ଚାରିଘରିଆ, ଚୌଦ୍ୱାର
ଦୂରଭାଷ- ୯୪୩୭୮୮୪୨୨୪



# ସକରାତ୍ମକ ପରିଣାମ ପାଇଁ କଠିନ ପଦକ୍ଷେପ ଏକାନ୍ତ ଜରୁରୀ

**ମହମ୍ମଦ ଓବୈଦୁଲ୍ଲା**

ୟୁପିଏସସି ଦ୍ୱାରା ସଦ୍ୟ ପ୍ରକାଶିତ ଭାରତୀୟ ଲୋକସେବା ପରୀକ୍ଷାର ଫଳ ଏକ ସକରାତ୍ମକ ପରିବର୍ତ୍ତନ ଆଣିଛି। କାରଣ ଏହି ପରୀକ୍ଷାରେ ପ୍ରଥମ ୩ଟି ସ୍ଥାନ ମହିଳାମାନେ ଅଧିକାର କରିଛନ୍ତି। ଏହି ସମ୍ମାନସ୍ପଦ ପରୀକ୍ଷା ପରବର୍ତ୍ତୀ ବ୍ୟାଚର ସିଭିଲ ସେବା ଏବଂ ଅନ୍ୟଗ୍ରୁପ ଏ ସର୍ଭିସ ଅଫିସର ମାନଙ୍କୁ ଚୟନ କରିଥାଏ। ଏକ ଅନ୍ୟ କୌତୁହଳ ପୂର୍ଣ୍ଣ ତଥ୍ୟ ହେଲା ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ରେସିଡେନସିଆଲ କୋଚିଙ୍ଗ ଏକାଡେମୀ(ଆସିଏ)ରୁ ୨୩ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶ୍ରୁତି ଶର୍ମା ଯିଏ ଏହି ପରୀକ୍ଷାରେ ଟପର ହୋଇଛନ୍ତି ସେ ମଧ୍ୟ ଆରସିଏ ଛାତ୍ରୀ ଥିଲେ। ଅନ୍ୟ ଆରସିଏ ଛାତ୍ରଛାତ୍ରୀ ଯେଉଁମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନେ ହେଲେ, ଅରୀବା ନୋମାନ, ମହମ୍ମଦ ଶାକିବ ଅଲମ, ବନ୍ଦନା ମୀନା, ନାଜିସ ଉମାର ଅନସାରୀ, ରାମଟେକେ ସୁଧାକର, ମହମ୍ମଦ କମରୁଦ୍ଦିନ, ତହସିନ ବାନୁ ଦଓ୍ୱାଡ଼ି, ପ୍ରିୟା ମୀନା ଓ ରାଜା ରତନାମ ଗୋଲା ଇତ୍ୟାଦି।

ଏହି ଫଳାଫଳ, ଜାମିଆ ମିଲିଆ ଦ୍ୱାରା ଛାତ୍ରମାନଙ୍କୁ ଏକ ଦାୟିତ୍ୱ ସମ୍ପନ୍ନ ନାଗରିକ ଭାବେ ଗଢ଼ି ତୋଳିବାର ଉତ୍ସର୍ଗୀକୃତ ପ୍ରଚେଷ୍ଟାର ପ୍ରତିଫଳନ ଅଟେ। ଜାମିଆ ମିଲିଆ ଇସଲାମିଆ ଏକ ସଂଖ୍ୟାଲଘୁ ବିଶ୍ୱବିଦ୍ୟାଳୟ ଭାବରେ ମାନ୍ୟତା ପ୍ରାପ୍ତ। କିନ୍ତୁ ଏହାର ସଂସ୍କୃତି, ଭିତ୍ତିଭୂମି ଓ ଶିକ୍ଷକ ତଥା ପାଠ୍ୟକ୍ରମଗୁଡ଼ିକ ସମସ୍ତ ପୃଷ୍ଠଭୂମିରୁ ଛାତ୍ରଛାତ୍ରୀଙ୍କୁ ଗ୍ରହଣ କରିବା ପାଇଁ ବିକଶିତ କରାଯାଇଛି। ଜାମିଆ ମିଲିଆ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଟେ ଯାହା ଭାରତର ସାମଗ୍ରୀକ ସଂସ୍କୃତିକୁ ପ୍ରୋତ୍ସାହିତ କରେ; ଏବଂ ଏଠାକାର ଛାତ୍ରଛାତ୍ରୀମାନଙ୍କୁ ଏକାଠି କରିବା ପାଇଁ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ମହିଳା ସଶକ୍ତିକରଣ ପାଇଁ ଏକ ପରିବେଶ ପ୍ରଦାନ କରିବା ପାଇଁ ମଧ୍ୟ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ଜଣାଶୁଣା। ସମ୍ପ୍ରତି ଜାମିଆ ମିଲିଆର ଉପକୁଳପତି ପ୍ରଫେସର ନଜମା ଅଖତର ଏହି ପଦ ଧାରଣ କରିବାର ପ୍ରଥମ ମହିଳା ଅଟନ୍ତି। ଏହି ବିଶ୍ୱବିଦ୍ୟାଳୟର ବିଶିଷ୍ଟ ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବରଖା ଦତ୍ତ, ଅରଫା ଖାନୁମ ସେରଓ୍ୱାନି ଏବଂ ଅଞ୍ଜନା ଓମ କଶ୍ୟପଙ୍କ ଭଳି ପ୍ରଖ୍ୟାତ ମିଡ଼ିଆ କର୍ମୀ, କିରଣ ରାଓଙ୍କ ଭଳି ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ, ମୌନି ରଏଙ୍କ ଭଳି ଅଭିନେତ୍ରୀ ଓ ନଧି ବିଷ୍ଟଙ୍କ ଭଳି ଆଇନଜୀବୀ ଓ ମନୋରଞ୍ଜକ ଅନ୍ତର୍ଭୁକ୍ତ। ଏହି ସୂଚି ଜାମିଆ ମିଲିଆ ଯେ ତଥା କଥିତ ଅଳ୍ପ ସଂଖ୍ୟକ ବିଶ୍ୱବିଦ୍ୟାଳୟ ନୁହେଁ ତାହା ଦର୍ଶାଇଥାଏ। ଏଠାରେ ଉପଲବ୍ଧ ସୁବିଧା ସୁଯୋଗ ବ୍ୟବହାର କରିବା ପାଇଁ ସମସ୍ତଙ୍କ ଓ ବିଶେଷ ଭାବେ ମହିଳାମାନଙ୍କ ପାଇଁ ଏହାର ଦ୍ୱାରା ସର୍ବଦା ଖୋଲା। ମହିଳାସଶକ୍ତିକରଣ ପାଇଁ ଏହି ବିଶ୍ୱବିଦ୍ୟାଳୟ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଯାହା ଏହାର ପ୍ରବେଶିକା ଫର୍ମରେ ମଧ୍ୟ ପ୍ରତିଫଳିତ ହୋଇଥାଏ। ଯେଉଁଥିରେ ମହିଳାଙ୍କ ସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ସ୍ତମ୍ଭର ଉଲ୍ଲେଖ ଅଛି। ଏହିପରି ସଂରକ୍ଷଣ ବ୍ୟବସ୍ଥା ଆରସିଏର ପ୍ରବେଶିକା ଫର୍ମରେ ମଧ୍ୟ ଅଛି।

ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟର ଜନ୍ମ ଅସହଯୋଗ ଆନ୍ଦୋଳନର ପ୍ରଭାବରୁ ଜନ୍ମ ନେଇଥିଲା। ଏହି ବିଶ୍ୱବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛଶତ୍ରୀମାନେ ସେମାନଙ୍କ ଗଠନ ମୂଳକ ଓ ପରୀକ୍ଷା ମୂଳକ ଶିକ୍ଷା ମାଧ୍ୟମରେ କେବଳ ମୁସଲମାନମାନଙ୍କ ପାଇଁ ନୁହେଁ ବରଂ ସମଗ୍ର ଦେଶର ସ୍ୱାଧୀନତା ପାଇଁ ମୂଳଦୁଆ ପକାଇଥିଲେ। ଏହି ପ୍ରୟାସ ମାଧ୍ୟମରେ ମୁସଲମାନମାନେ ଦେଶ ଗଠନର ସହଯୋଗ କରୁଥିବା ଭାରତୀୟ ଭାବେ ପରିଗଣିତ ହୋଇଥିଲେ। ତେଣୁ ଏହି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତାମାନଙ୍କ ଲକ୍ଷ୍ୟ ପୂରଣ ହୋଇଥିବା ପରିଲକ୍ଷିତ ହୋଇଛି, କାରଣ ଗୁଣାତ୍ମକ ଶିକ୍ଷା ଓ ତାହା ପାଇଁ ପରିବେଶକୁ ସୁନିଶ୍ଚିତ କରି ଜାତି ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ତାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଏହି ବିଶ୍ୱବିଦ୍ୟାଳୟ ସର୍ବଦା ଚେଷ୍ଟାରତ। ସିଏଏ-ଏନଆରସିକୁ ବିରୋଧ କରି ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟରେ ଘଟିଥିବା ହିଂସାର କଳା ଅଧ୍ୟାୟକୁ ବହୁ ସମୟ ବିତିସାରିଛି। ଦେଶର କଠିନତମ ପରୀକ୍ଷାରେ ୟୁପିଏସସିରେ କ୍ରମାଗତ ଭାବରେ ସକରାତ୍ମକ ଫଳାଫଳ ଏହା ଦର୍ଶାଏ ଯେ, ଏହି ସଂସ୍ଥା ଆଗକୁ ବଢ଼ିଚାଲିଛି। ଏବଂ ସଂଖ୍ୟାଲଘୁ ଓ ମହିଳା ସଶକ୍ତିକରଣ ପାଇଁ ଏହା ଧ୍ୟାନ କେନ୍ଦ୍ରୀତ କରିଛି। ଏହା ସହ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ଦର୍ଶାଇଛି ଯେ, ଗଠନମୂଳକ ପ୍ରଚେଷ୍ଟା ଦ୍ୱାରା ସମସ୍ତ ପ୍ରକାର ପ୍ରତିରୋଧକୁ ପ୍ରତିହତ କରାଯାଇ ପାରିବ। ଏହି ସଂଖ୍ୟାଲଘୁ ଅନୁଷ୍ଠାନରେ ଯେଉଁଠି ମହିଳା ଓ ଶିକ୍ଷିତ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି, ଏହି ଛାତ୍ରଛାତ୍ରୀମାନେ ସେଠାକାର ଭିତ୍ତିଭୂମିକୁ ବ୍ୟବହାର କରି ସେମାନଙ୍କ ଭବିଷ୍ୟତକୁ ସୁଧାରି ପାରିବେ। ଯାହା ସେମାନଙ୍କ ପାଇଁ ତଥା ସମଗ୍ର ଦେଶର ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତକୁ ସୁନିଶ୍ଚିତ କରିବ। କାରଣ ଅତୀତରୁ ଏହା ସ୍ପଷ୍ଟ ଅନୁମେୟ ଯେ, ବିରୋଧର ସଂସ୍କୃତି କେବଳ ଧ୍ୱଂସ ଆଣି ଦେଇଥାଏ।

ଠିକଣା
ଫକିରାବାଦ, କେନ୍ଦ୍ରାପଡ଼ା

# ଆଜିବି ସମାଜରେ ସୁଧୁରିନି ମହିଳାଙ୍କ ସ୍ଥିତି

ଆଜିକୁ ୧୧୩ ବର୍ଷ ତଳେ ପ୍ରଥମ ଥର ପାଇଁ 'ଦୈନିକ ଆଠ ଘଣ୍ଟାର ଶ୍ରମ ଦିବସ' ଓ 'ପୁରୁଷମାନଙ୍କ ଭଳି ଭୋଟଦାନର ଅଧିକାର' ଦାବିରେ ଆମେରିକାରେ ବିଭିନ୍ନ କାରଖାନାରେ କାର୍ଯ୍ୟରତ ମହିଳା ଶ୍ରମିକମାନଙ୍କ ବଡ଼ ବଡ଼ ବିକ୍ଷୋଭର ଆୟୋଜନ ହୋଇଥିଲା। ତା' ପର ବର୍ଷ ଅର୍ଥାତ୍ ୧୯୧୦ ମସିହାରେ କୋପନହେଗନ୍ ଠାରେ ଆୟୋଜିତ ଶ୍ରମଜୀବୀ ମହିଳାଙ୍କ ଅନ୍ତର୍ଜାତୀୟ ସମ୍ମିଳନୀରେ ଜର୍ମାନୀର କମ୍ୟୁନିଷ୍ଟ ନେତ୍ରୀ କାର୍ଲା ଜେଟକିନ୍ଙ୍କ ପ୍ରସ୍ତାବ ଅନୁସାରେ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ସାରା ବିଶ୍ୱରେ ମହିଳା ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଦିନଠାରୁ ମହିଳାଙ୍କ ସଂଘର୍ଷର ପ୍ରତୀକ ଭାବେ ପ୍ରତିବର୍ଷ ମହିଳା ଦିବସ ଅର୍ନ୍ତଜାତୀୟ ସ୍ତରରେ ପାଳନ ହେବା ସହ ତା'ର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଆଜି ବିଶ୍ୱରେ ଶିକ୍ଷା, ବିଜ୍ଞାନ ଓ ଗଣତାନ୍ତ୍ରିକ ବିଚାରଧାରାର ବ୍ୟାପକ ପ୍ରସାର ସତ୍ତ୍ୱେ ବି ସମାଜରେ ମହିଳାମାନେ ବିଦ୍ୱେଷ ଓ ହିଂସାର ଶୀକାର ହେବା ଅବ୍ୟାହତ ରହିଛି। ଭାରତ ଭଳି ମାନବ ବିକାଶ ଦୃଷ୍ଟିରୁ ପଛରେ ଥିବା ଦେଶମାନଙ୍କରେ ଏଯାଏଁ ମହିଳାଙ୍କ ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ସମାଜର ସବୁଠାରୁ ଛୋଟ ଅଂଶ ଭାବେ ପରିଚିତ ଖୋଦ ଆମର ପରିବାରଟି ଏକ ମହିଳା ବିଦ୍ୱେଷୀ ବିଚାରର ଭିତ୍ତି ଉପରେ ଠିଆ ହୋଇଛି। ଏହି ପୁରୁଷ ପ୍ରଧାନ ମାନସିକତାଟି ତ ପୁରୁଷଙ୍କ ମଧ୍ୟରେ ରହିଛି, କିନ୍ତୁ ସଂଖ୍ୟାଗରିଷ୍ଠ ମହିଳା ବି ଏହାର ଶିକାର ହୁଅନ୍ତି। ପରିବାରରେ ଝିଅ ତୁଳନାରେ ପୁଅକୁ ପସନ୍ଦ କରିବାର ମାନସିକତାରୁ ଜନ୍ମ ପୂର୍ବରୁ ଗର୍ଭାବସ୍ଥାରେ ତାର ଲିଙ୍ଗ ନିରୂପଣ କରି ତାକୁ ହତ୍ୟା କରାଯାଉଥିବା ବେଳେ ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ ତଥା ଲାଳନ ପାଳନରେ ବି ଏହି ବାଛ ବିଚାର ଦେଖିବାକୁ ମିଳୁଛି। "ଝିଅ ଜନମ ପରଘରକୁ"ର ପୁରୁଷବାଦୀ ମାନସିକତା ଆମ ଅଭିଭାବକମାନଙ୍କୁ ପୁଅ ତୁଳନାରେ ଝିଅଙ୍କ ଶିକ୍ଷା ଓ ନିଯୁକ୍ତି ବାବଦରେ ଅଧିକ ଖର୍ଚ୍ଚ ନକରିବାକୁ ପ୍ରଚୋଦିତ କରୁଛି। ଝିଅଟି ଜନ୍ମ ହେବା ପରେ କେତେ ପାଠ ପଢ଼ିବ, କାହାକୁ ବାହା ହେବ ଏପରିକି ବାହାହେବା ପରେ ରୋଜଗାର କରିବ ନା ନାହିଁ, କେବେ ଓ କେତୋଟି ସନ୍ତାନ ଜନ୍ମ ଦେବ ଉପରୋକ୍ତ ସବୁଥିରେ ତା'ର ଭୂମିକାଟି ଗୌଣ ହୋଇଥାଏ।

ଆମ ଜନସଂଖ୍ୟାର ଅର୍ଦ୍ଧେକ ହେଲେ ବି ଶିକ୍ଷା, ସ୍ୱାସ୍ଥ୍ୟସେବା, ଖାଦ୍ୟ ସୁରକ୍ଷା ଆଦି ସମସ୍ତ ସାମାଜିକ ସୂଚକାଙ୍କରେ ମହିଳାମାନେ ପୁରୁଷଙ୍କଠାରୁ ଅନେକ ପଛରେ ରହିଛନ୍ତି। ଅପପୁଷ୍ଟି, ରକ୍ତହୀନତାଠାରୁ ଆରମ୍ଭ କରି ନିରକ୍ଷରତା, ଅଧାରୁ ପାଠ ଛାଡ଼ିବା ଆଦି ସମସ୍ତ କ୍ଷେତ୍ରରେ ମହିଳାଙ୍କ ସ୍ଥିତି ପୁରୁଷଙ୍କ ତୁଳନାରେ ଖରାପ ରହିଛି। ଦେଶରେ ଶିଶୁ ମୃତ୍ୟୁ କ୍ଷେତ୍ରରେ ପୁଅ ତୁଳନାରେ ଝିଅଙ୍କ ଅଧିକ ସଂଖ୍ୟାଟି କେବଳ ସଂଯୋଗ ନୁହେଁ ବରଂ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ରହିଥିବା ପାତର ଅନ୍ତରର ପରିଣାମ ବୋଲି ହିଁ କୁହାଯାଇପାରେ। ଦେଶରେ ମାତୃ ମୃତ୍ୟୁସଂଖ୍ୟାର ଭୟାନକ ଚିତ୍ର ପଛରେ ମହିଳାମାନେ ପୁଷ୍ଟିଜାତ ଖାଦ୍ୟରୁ ବଂଚିତ ହୋଇ ରକ୍ତହୀନତା ଓ ହାଡ଼ ଦୁର୍ବଳର ଶିକାର ହେବା ତଥା ସେମାନଙ୍କୁ ଠିକ୍ ସମୟରେ ହସ୍ପିଟାଲକୁ ନେବାରେ ଅବହେଳା କରାଯିବାକୁ ଦାୟୀ କରାଯାଇପାରେ।

ସରକାରଙ୍କ ମହିଳା ବିରୋଧୀ ନୀତି ବି ଆମ ଦେଶରେ ମହିଳାମାନଙ୍କ ସ୍ଥିତିକୁ ଆହୁରି ଖରାପ କରିଛି। ୨୦୨୧ରେ ପ୍ରକାଶିତ ବିଶ୍ୱ ଲିଙ୍ଗ ବ୍ୟବଧାନ ସୂଚକାଙ୍କରେ ଭାରତ ପୂର୍ବାପେକ୍ଷା ୨୮ ସ୍ଥାନ ତଳକୁ ଖସି ବିଶ୍ୱର ୧୫୬ଟି ଦେଶ ମଧ୍ୟରେ ୧୪୦ତମ ସ୍ଥାନରେ ରହିଛି। ଗତ ଦୁଇ ବର୍ଷ ଧରି କରୋନା ମହାମାରୀ ଓ ତା'ର ମୁକାବିଲା ନାଁରେ ହୋଇଥିବା ଲକ୍‌ଡ଼ାଉନ୍ ଯୋଗୁଁ ମହିଳାମାନେ ହିଁ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନେ ନିଜର ଜୀବନ, ରୋଜଗାର, ସଞ୍ଚୟ ହରାଇବା ସହିତ ଘର ଭିତରେ ଘରୋଇ ହିଂସାର ମଧ୍ୟ ଶିକାର ହୋଇଛନ୍ତି। ଅର୍ଥନୈତିକ ପରିସ୍ଥିତି ସୁଧୁରିବା ନେଇ ସରକାରଙ୍କ ବଡ଼ ବଡ଼ ପ୍ରଚାର ସତ୍ତ୍ୱେ ମହାମାରୀରେ ରୋଜଗାର ହରାଇଥିବା ଅଧିକାଂଶ ମହିଳା ଏଯାଏଁ ନିଜର ଚାକିରୀ ଫେରିପାଇ ନାହାନ୍ତି। ଅଜୀମ୍ ପ୍ରେମଜୀ ବିଶ୍ୱବିଦ୍ୟଳାୟ ପକ୍ଷରୁ ହୋଇଥିବା ଏକ ସର୍ଭେ ଅନୁସାରେ ଚାକିରୀ ହରାଇଥିବା ଯୁବକମାନଙ୍କ ମଧ୍ୟରେ ମାତ୍ର ୭% ସ୍ଥାୟୀ ଭାବେ ନିଜର ଚାକିରୀ ହରାଇଥିବା ବେଳେ ଯୁବତୀମାନଙ୍କ ୪୭% ସମ୍ପୂର୍ଣ୍ଣ ଭାବେ ନିଜର ଚାକିରୀ ହରାଇଛନ୍ତି। କୋଭିଡ୍ ମହାମାରୀର ମୁକାବିଲାରେ ଦେଶର କୋଟି କୋଟି ଆଶା, ଅଙ୍ଗନୱାଡ଼ି କର୍ମୀ, ସଫେଇ କର୍ମଚାରୀଠାରୁ ଆରମ୍ଭ କରି ନର୍ସ ଓ ଡାକ୍ତରଙ୍କ ପର୍ଯ୍ୟନ୍ତ ସମସ୍ତ ଫ୍ରଣ୍ଟଲାଇନ୍ କର୍ମୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏମାନଙ୍କ ମଧ୍ୟରେ ସିଂହଭାଗଟି ମହିଳା ରହିଥିଲେ ମଧ୍ୟ ସରକାର ସେମାନଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେଇ ସେମାନଙ୍କୁ କର୍ମଚାରୀର ମାନ୍ୟତା ଦେବା ସହ ପାରିଶ୍ରମିକକୁ ବୃଦ୍ଧି କରିବା ତଥା ଏସବୁ ଯୋଜନାକୁ ଅଧିକ ଶକ୍ତିଶାଳୀ କରିବା ପରିବର୍ତ୍ତେ ଆଇସିଡ଼ିଏସ୍, ମାଧାହ୍ନ ଭୋଜନ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍



ଆଦି ବାବଦରେ ବଜେଟ୍ରେ ବ୍ୟାପକ ବ୍ୟୟହ୍ରାସ କରିବା ଦୁର୍ଭାଗ୍ୟଜନକ। ସମାଜରେ ଲିଙ୍ଗ ବିଭେଦର ଅନ୍ୟତମ ପ୍ରମାଣ ହେଲା ସମାଜର ଅନେକ କ୍ଷେତ୍ରରେ ମହିଳାମାନଙ୍କ ଅନୁପସ୍ଥିତି କିମ୍ବା ନଗନ୍ୟ ଉପସ୍ଥିତି। ପୁରୁଷ ପ୍ରଧାନ ସମାଜରେ ରୋଷେଇ, ଗୃହକାର୍ଯ୍ୟ ତଥା ସନ୍ତାନ ପାଳନ ପରି ମଜୁରୀ ବିହୀନ କାମକୁ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ସେମାନଙ୍କୁ ରାଜନୈତିକ କ୍ଷମତାରେ ଅଂଶୀଦାର ହେବାକୁ ଦିଆଯାଉନି। ଲଗାତାର ଦାବୀ ସତ୍ତ୍ୱେ ଦେଶର ସଂସଦ ଓ ବିଧାନସଭାରେ ସେମାନଙ୍କୁ ୩୩% ସଂରକ୍ଷଣ ବି ଦେବାକୁ ଆମର ରାଜନୈତିକ ନେତୃତ୍ୱ ନାରାଜ। ଦେଶର ବିଚାର ବିଭାଗ, ପୋଲିସ ଓ ସାମରିକ ବାହିନୀର ଉଚ୍ଚ ପଦ ପଦବୀରେ ମଧ୍ୟ ମହିଳାମାନଙ୍କ ନଗନ୍ୟ ଉପସ୍ଥିତି ପୁରୁଷବାଦୀ ମାନସିକତାର ହିଁ ପରିଣାମ। ଶ୍ରମ ଓ ନିଯୁକ୍ତିର ବଜାରରେ ବି ମହିଳାମାନଙ୍କ ସ୍ଥିତି ଅପେକ୍ଷାକୃତ ତଳିଆ ଓ ଅସ୍ଥାୟୀ ଅଟେ। କୃଷିକ୍ଷେତ୍ରରେ କାର୍ଯ୍ୟରତ ଲକ୍ଷ ଲକ୍ଷ ମହିଳା ପୁରୁଷଙ୍କ ସମାନ କାମ କରୁଥିଲେ ମଧ୍ୟ ସେମାନଙ୍କୁ ନା କୃଷକ କୁହାଯାଉଛି ନା ପୁରୁଷଙ୍କ ପରି ସେମାନଙ୍କ ଜମି ଉପରେ ଅଧିକାର ରହିଛି। କଳ କାରଖାନାରେ ଏପରିକି ନିର୍ମାଣ କ୍ଷେତ୍ରରେ କୁଶଳୀ ତଥା ଅତି କୁଶଳୀ କାମରେ ପୁରୁଷମାନଙ୍କୁ ହିଁ ସୁଯୋଗ ଦିଆଯାଉଥିବା ବେଳେ ମହିଳା ଶ୍ରମିକମାନେ ସାଧାରଣତଃ ଅଧିକ ଶ୍ରମ ଦରକାର ପଡୁଥିବା ଅଣ କୁଶଳୀ କାମରେ ହିଁ ନିଯୁକ୍ତ ହୋଇଥାନ୍ତି। ଏସବୁ କ୍ଷେତ୍ରରେ ସେମାନେ ପୁରୁଷ ଶ୍ରମିକଙ୍କଠାରୁ କମ୍ ମଜୁରୀ ପାଇବା ସହିତ ଠିକାଦାର ଓ ମାଲିକଙ୍କ ଦ୍ୱାରା ଯୌନ ଶୋଷଣର ମଧ୍ୟ ଶିକାର ହୋଇଥାନ୍ତି। ସମାଜରେ ମହିଳାମାନଙ୍କୁ ଶୋଷଣ ତଥା ଦବେଇ ରଖିବାର ପୁରୁଷବାଦୀ ମାନସିକତାର ଭୟଙ୍କର ପରିଣାମ ହେଉଛି ମହିଳାଙ୍କ ବିରୁଦ୍ଧରେ ହିଂସା। ମହିଳାମାନେ ଉଭୟ ଘରର ଚାରିକାନ୍ଥ ମଧ୍ୟରେ ଓ ବାହାରେ ଏହି ହିଂସାର ସମ୍ମୁଖୀନ ହୋଇଥାନ୍ତି। ଗର୍ଭାବସ୍ଥାରେ କନ୍ୟାଭ୍ରୁଣ ହତ୍ୟାଠାରୁ ଆରମ୍ଭ କରି ଯୌତୁକ ଜନିତ ନିର୍ଯ୍ୟାତନା, ହତ୍ୟା ଏପରିକି ଅନର କିଲିଂ ପର୍ଯ୍ୟନ୍ତ ମହିଳାଙ୍କ ବିରୁଦ୍ଧରେ ଘଟୁଥିବା ଅଧିକାଂଶ ହିଂସା ଘରେ ପରିବାରର ଲୋକେ ହିଁ କରିଥାନ୍ତି। ପରିବାରରେ ରହିଥିବା ଏହି ମହିଳା ବିରୋଧୀ ମାନସିକତା କାରଣରୁ ହିଁ ସମାଜରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଲଗାତାର ହ୍ରାସ ପାଇବାରେ ଲାଗିଛି। ଦେଶର ସମ୍ବିଧାନରେ ମହିଳାଙ୍କୁ ଅନେକ ଅଧିକାର ଦିଆଯାଇଥିବା ବେଳେ ତଥା ଅପରାଧରୁ ସୁରକ୍ଷା ଦେବା ପାଇଁ ଅନେକ ଆଇନ ରହିଥିଲେ ବି ତାର କାର୍ଯ୍ୟକାରିତା କ୍ଷେତ୍ରରେ ଆମ ଶାସନ ବ୍ୟବସ୍ଥାର ପୁରୁଷବାଦୀ ମାନସିକତା ପ୍ରଧାନ ଅନ୍ତରାୟ ହୋଇଛି। ସରକାରୀ ସହାୟତାରେ ସମାଜରେ ବଢ଼ି ଚାଲିଥିବା ନିଶାଖୋରୀ ଓ ଅଶ୍ଳୀଳତା ମହିଳା ବିରୋଧୀ ହିଂସାକୁ ପ୍ରୋତ୍ସାହିତ କରୁଛି। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋର ତଥ୍ୟ ଅନୁଯାୟୀ ଗତ ଏକ ଦଶକ ମଧ୍ୟରେ ମହିଳାଙ୍କ ବିରୁଦ୍ଧରେ ବଳାତ୍କାର, ଅସଦାଚରଣ, ବଳତ୍କାର ଉଦ୍ୟମ, ଯୌତୁକ, ଅନର କିଲିଂ ଭଳି ୨.୨୪ ନିୟୁତ ଲିଙ୍ଗଗତ ହିଂସାର ଘଟଣା ଅର୍ଥାତ୍ ପ୍ରତି ଘଣ୍ଟାରେ ୨୬ଟି ଅପରାଧ ସଙ୍ଗଠିତ ହୋଇଛି। ଦେଶରେ ପ୍ରତି ୬୨ ମିନିଟ୍ରେ ଜଣେ ମହିଳା ଯୌତୁକ ନିର୍ଯ୍ୟାତନାର ଶୀକାର ହେଉଥିବା ବେଳେ ଆମ ରାଜ୍ୟରେ ଦୈନିକ ହାରାହାରି ତିନି ଜଣ ମହିଳା ଧର୍ଷଣର ଶିକାର ହେଉଛନ୍ତି। ଏପରିକି ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ କାର୍ଯ୍ୟରତ ଶିକ୍ଷିତ ମହିଳାଙ୍କ ମଧ୍ୟରୁ ୩୪% କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯ୍ୟାତନାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ମହିଳାଙ୍କ ଉପରେ ହିଂସା ବଢ଼ି ଚାଲିଥିବା ବେଳେ ସବୁ ଘଟଣା ଥାନାରେ ପଞ୍ଜିକୃତ ନହେବା ଏବଂ ଦଣ୍ଡ ବିଧାନର ହାର କମିବା ତଥା ଖୋଦ୍ ପୋଲିସ ଓ ସଶସ୍ତ୍ର ବାହିନୀ ଦ୍ୱାରା ମହିଳାମାନେ ହିଂସାର ଶୀକାର ହେବା ପଛରେ ମୁଖ୍ୟତଃ ସରକାର ଓ ତାଙ୍କ ପୋଲିସ ବିଭାଗ ଏପରିକି ବିଚାର ବିଭାଗର ମହିଳାଙ୍କ ପ୍ରତି ରହିଥିବା ସମ୍ବେଦନଶୀଳତାର ଅଭାବକୁ ପ୍ରମାଣିତ କରୁଛି। ସରକାରଙ୍କ ବହୁ ପ୍ରଚାରିତ 'ବେଟୀ ପଢ଼ାଓ, ବେଟୀ ବଚାଓ'ର ସ୍ଲୋଗାନ୍ ପ୍ରହସନରେ ପରିଣତ ହୋଇଛି। ସରକାରରେ ଥିବା ଲୋକଙ୍କ ମହିଳା ବିରୋଧୀ ମାନସିକତାର ପରିଣାମ ସ୍ୱରୂପ ଦେଶରେ ମହିଳାଙ୍କ ଉପରେ ଆକ୍ରମଣ ବଢ଼ିଚାଲିଛି। "ବେଟି ବଚାଓ, ବେଟି ପଢ଼ାଓ" ଅଭିଯାନ ପାଇଁ ଉଦ୍ଦିଷ୍ଟ ଅର୍ଥର ଅଧିକାଂଶ ଭାଗ ପ୍ରଧାନମନ୍ତ୍ରୀଙ୍କ ବିଜ୍ଞାପନ ବାବଦରେ ଖର୍ଚ୍ଚ ହୋଇଥିବା ବେଳେ ବହୁ ଚର୍ଚ୍ଚିତ ନିର୍ଭୟା ପାଣ୍ଠିକୁ ବର୍ଷ ବର୍ଷ ଧରି ଖର୍ଚ୍ଚ କରି ନପାରିବା ଏନେଇ ସରକାରଙ୍କ ଆନ୍ତରିକତାକୁ ହିଁ ଉଜାଗର କରୁଛି। ଭାରତୀୟ ସଂସ୍କୃତିର ସୁରକ୍ଷା ନାଁରେ ସାମ୍ପ୍ରଦାୟିକ ସଙ୍ଗଠନମାନଙ୍କ ପକ୍ଷରୁ ସବୁବେଳେ ମହିଳାମାନଙ୍କ ପୋଷାକ ଉପରେ ନିୟନ୍ତ୍ରଣ କରିବାକୁ ଉଦ୍ୟମ ହୋଇଆସିଛି। ପୂର୍ବରୁ ହିନ୍ଦୁ ଝିଅମାନଙ୍କ ଜିନ୍ ପିନ୍ଧିବାକୁ ବିରୋଧ କରାଯାଉଥିବା ବେଳେ ଏବେ ସ୍କୁଲ କଲେଜରେ ମୁସଲମାନ ଝିଅମାନଙ୍କ ହିଜାବ୍ ପିନ୍ଧିବାକୁ ବିରୋଧ କରାଯାଇଛି। ସେମାନେ ହିଜାବ୍ର ବାହାନାରେ ମୁସଲମାନ୍ ଝିଅମାନଙ୍କୁ ପାଠ ଶିକ୍ଷାରୁ ବଂଚିତ କରିବାକୁ ଚେଷ୍ଟା କରୁଛନ୍ତି। ଏପରିକି ମୁସଲମାନ୍ ସମ୍ପ୍ରଦାୟର ଶିକ୍ଷିତ ତଥା ପ୍ରତିଷ୍ଠିତ ମହିଳାମାନଙ୍କୁ ସୋସିଆଲ ମିଡ଼ିଆରେ ଲାଞ୍ଛିତ ଓ ଅପମାନିତ କରିବା ଉଦ୍ଦେଶ୍ୟରେ 'ବୁଲିବାଇ' ଓ 'ସୁଲିଡ଼ିଲ୍ସ' ନାଁରେ ଆପ୍ ଖୋଲି ଖୋଲାଖୋଲି ଭାବେ ନିଲାମ୍ ଡ଼ାକିବାର ଘୃଣ୍ୟ କାମ କରିବାକୁ ବି ପଛେଇ ନାହାନ୍ତି। ଧାର୍ମିକ ଓ ଲିଙ୍ଗଗତ ଘୃଣାରେ ବିଶ୍ୱାସ କରୁଥିବା ଦେଶର ସାମ୍ପ୍ରଦାୟିକ ଶକ୍ତିମାନେ ସର୍ବଦା ପୁଅ ଝିଅଙ୍କ ପ୍ରେମ ଉପରେ ପହରା ଦେବାକୁ ଚେଷ୍ଟା କରିଛନ୍ତି। ଭାଲେଣ୍ଟାଇନ୍ ଦିବସରେ ସେମାନଙ୍କ ଗୁଣ୍ଡାମାନେ ପାର୍କ ଓ ହୋଟେଲ୍ରେ ପଶି ପ୍ରେମୀମାନଙ୍କୁ ଆକ୍ରମଣ ଓ ନିର୍ଯ୍ୟାତିତ କରିଥାନ୍ତି। ଝିଅମାନେ ନିଜ ଇଚ୍ଛା ମୁତାବକ ଜଣକୁ ଯେପରି ଭଲ ନପାଇବେ ଏବଂ ସ୍ୱଇଚ୍ଛାରେ ନିଜର ଜୀବନସାଥୀ ବାଛି ନପାରିବେ ସେଥିପାଇଁ ସେମାନେ ନିଜର ଶାସନରେ ଆଣ୍ଟି ରୋମିଓ ସ୍କ୍ୱାଡ଼ ଠାରୁ ଆରମ୍ଭ କରି ଲଭଜେହାଦ୍ ଆଇନ ପର୍ଯ୍ୟନ୍ତ ଅନେକ ଗୁଡ଼ିଏ ଷଡ଼ଯନ୍ତ୍ର କରିଛନ୍ତି।

ବଜାରରେ ଦରଦାମ୍ ବୃଦ୍ଧି ମହିଳାଙ୍କ ଜୀବନକୁ ସବୁବେଳେ ଦୁର୍ବିସହ କରିଆସିଛି। ବର୍ତ୍ତମାନ ଖାଇବା ତେଲଠାରୁ ରୋଷେଇ ଗ୍ୟାସ୍ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ମହିଳାଙ୍କ ରୋଷେଇଘର ପରିଚାଳନାକୁ କଷ୍ଟକର କରିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ସବୁ ପରିବାରକୁ ରାସନ ନ ମିଳିବା ଏବଂ ରାସନରେ ଖାଦ୍ୟଶସ୍ୟ ବଦଳରେ ନଗଦ ଟଙ୍କା ଦେବାର ସରକାରୀ ଯୋଜନା ମଧ୍ୟ ମହିଳାଙ୍କ ଖାଦ୍ୟସୁରକ୍ଷାକୁ ହିଁ ପ୍ରଭାବିତ କରୁଛି। ଚଳିତ ବର୍ଷର ମହିଳା ଦିବସ ଏଭଳି ଏକ ସମୟରେ ହେଉଛି, ଯେତେବେଳେ ବିଶ୍ୱରେ ପୁଣି ଥରେ ଯୁଦ୍ଧର ବିଭୀଷିକା ଦେଖାଦେଇଛି। ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ପ୍ରତିଯୋଗୀତାର ଫଳସ୍ୱରୂପ ଆଜି ୟୁକ୍ରେନ୍ ଉପରେ ରୁଷ ସାମରିକ ଆକ୍ରମଣ କରିଛି। ଏଥିରେ ସାଧାରଣ ଜନତା ବିଶେଷ କରି ମହିଳାଙ୍କ ସମେତ ଶ୍ରମଜୀବୀ ମଣିଷମାନେ ସବୁଠାରୁ ବେଶୀ ଦୁର୍ଦ୍ଦଶାର ଶିକାର ହେବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ଆମକୁ ଆମର ଅଧିକାର, ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଲଢ଼େଇ କରିବାକୁ ହେବ। ଆମକୁ ତିନି କଳା କୃଷି ଆଇନ ବିରୁଦ୍ଧରେ ବୀରତ୍ୱପୂର୍ଣ୍ଣ ଲଢ଼େଇ କରି ବିଜୟୀ ହୋଇଥିବା ମହିଳା କୃଷକମାନଙ୍କ ଲଢ଼େଇରୁ ପ୍ରେରଣା ନେବାକୁ ହେବ। ଘୃଣା ଓ ଭେଦଭାବର ରାଜନୀତି ବିରୁଦ୍ଧରେ ଏକାଠି ହୋଇ ଲଢ଼ିବାକୁ ହେବ। ସାମ୍ରାଜ୍ୟବାଦୀ ଯୁଦ୍ଧ ଓ ବର୍ବରତା ବିରୁଦ୍ଧରେ ଶାନ୍ତି ପାଇଁ ୟୁକ୍ରେନର ମହିଳାମାନଙ୍କ ଲଢ଼େଇ ସହିତ ସାରା ବିଶ୍ୱର ମହିଳାଙ୍କୁ ଠିଆ ହେବାକୁ ପଡ଼ିବ। ବିଶ୍ୱକୁ ଯୁଦ୍ଧ ଓ ଅସ୍ଥିରତା ଭିତରକୁ ଠେଲୁଥିବା ଆମେରିକା ଓ ରୁଷ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିଶ୍ୱର ସବୁ ମହିଳାଙ୍କ ଲଢ଼େଇରେ ଆମକୁ ସାମିଲ କରିବାକୁ ହେବ।

ଭାଲ ଚନ୍ଦ୍ର ଷଡ଼ଙ୍ଗୀ
ଫୋନ ନଂ : ୯୪୩୭୧୬୬୩୯୧




# ମେଘଦୂତ ଆୱାର୍ଡ ଅଧିକାରୀ ଅଶୋକ କୁମାର ସାହୁଙ୍କୁ କଟକ ଦକ୍ଷିଣ ଡାକ ମଣ୍ଡଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



**କଟକ(ଏନ୍.ଏମ୍.):** କଟକ ଦକ୍ଷିଣ ଡାକ ମଣ୍ଡଳସ୍ଥିତ କାର୍ଯ୍ୟାଳୟରେ ଡାକ ଅଧିକ୍ଷକ ଗଜେନ୍ଦ୍ର ପ୍ରସାଦ କର ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ ଡାକସେବାର ୨୦୨୧ ବିତ୍ତୀୟ ବର୍ଷର ମେଘଦୂତ ଆୱାର୍ଡ ଅଧିକାରୀ ଅଶୋକ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସାହୁ ବାଙ୍କୀ ମୁଖ୍ୟ ଡାକଘର ଅଧିନସ୍ଥ ତୁଳସୀପୁର ଶାଖା ଡାକଘରେ ଶାଖା ଡାକପାଳ ଭାବେ କାର୍ଯ୍ୟରତ ଅଛନ୍ତି। ସେ ୨୦୦୦ ମସିହା ଫେବୃୟାରୀ ୧୪ ତାରିଖରେ ଡାକ ବିଭାଗରେ ଯୋଗଦେଇ ଲୋକମାନଙ୍କ ପାଖରେ ଡାକ ବିଭାଗର ପ୍ରତେକଟି ସ୍କିମ ପହଞ୍ଚାଇବା ସହିତ ଲୋକମାନଙ୍କ ସହ ସୁ-ସଂପର୍କ ସ୍ଥାପନ କରି ଡାକ ବିଭାଗର ବିଭିନ୍ନ ଉଲ୍ଲେଖ ମୂଳକ କାର୍ଯ୍ୟ ବିଷୟରେ ଅବଗତ କରିଛନ୍ତି। ପ୍ରତେକ ଗାଁ ଗହଳିରେ ଘରେ ଘରେ ସେ ସଞ୍ଚୟ ଖାତା, ଡାକ ବୀମା, ଆଇପିପିବି, ଆଧାରର ପ୍ରଚାର ଓ କାୟା ବିସ୍ତାର କରିବା ସହ ଅତି ନିଷ୍ଠାପର ଭାବରେ କାର୍ଯ୍ୟ କରିଥିବାରୁ ଚଳିତ ବର୍ଷ ଜୁନ ୨୮ତାରିଖରେ ସମ୍ମାନିତ କରାଯାଇଥିଲା। ଦିଲ୍ଲୀ ସ୍ଥିତ ଇଣ୍ଡିଆ ହବିଟାଣ୍ଟ ସେଣ୍ଟର ଠାରେ ସର୍ବ ଭାରତୀୟସ୍ତରରେ ଆୟୋଜିତ ୨୦୨୧ ବିତ୍ତୀୟ ବର୍ଷର ମେଘଦୂତ ଆୱାର୍ଡ ସେରିମନୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ ଓ ଡାକବିଭାଗର ଡିଜିଙ୍କ ଉପସ୍ଥିତିରେ ଶ୍ରୀ ସାହୁଙ୍କୁ କେନ୍ଦ୍ର ସଞ୍ଚାର ରାଜ୍ୟ ମନ୍ତ୍ରୀ ଦେବୁସିଂ ଚୌହ୍ୱାନ ମେଘଦୂତ ଆୱାର୍ଡରେ ସମ୍ମାନିତ କରିଥିଲେ। ସାରା ଭାରତବର୍ଷରେ ଥିବା ୧୩୧୩୧୧ ଗ୍ରାମୀଣ ପୋଷ୍ଟଅଫିସରେ କାର୍ଯ୍ୟରତ ପ୍ରାୟ ୪୫୦୦୦୦ ଗ୍ରାମୀଣ ଡାକ କର୍ମଚାରୀମାନଙ୍କୁ ପଛରେ ପକାଇ ଓଡିଶା ପରିମଣ୍ଡଳ ତଥା କଟକ ଦକ୍ଷିଣ ଡାକ ମଣ୍ଡଳର ଶ୍ରୀ ସାହୁ ଏକମାତ୍ର ଗ୍ରାମୀଣ ଡାକସେବକ ଭାବେ ମେଘଦୂତ ଆୱାର୍ଡ ଅର୍ଜନ କରିଥିଲେ। ସେ ଆୱାର୍ଡ ସେରିମୋନୀରୁ ଫେରିବା ପରେ ବିଜୁପଟ୍ଟନାୟକ ଏୟାର ପୋର୍ଟରେ ଓହ୍ଲାଇ ସିଧାସଳଖ କଟକ ଦକ୍ଷିଣ ଡାକ ମଣ୍ଡଳ ଆସି ସମ୍ବର୍ଦ୍ଧିତ ହୋଇଥିଲେ। ମେଘଦୂତ ଆୱାର୍ଡ ୧୯୮୪ ମସିହାରେ ପ୍ରଥମେ ଆରମ୍ଭ ହୋଇଥିଲା। ଏହା ଡାକବିଭାଗରେ ଉତ୍କୃଷ୍ଟ କାର୍ଯ୍ୟର ପରିଚୟ ପ୍ରଦାନ କରିବାଲାଗି ଡାକ ବିଭାଗର ସର୍ବୋତ୍ତମ ଜାତୀୟସ୍ତରୀୟ ସମ୍ମାନ ମେଘଦୂତ ଆୱାର୍ଡ ଦିଆଯାଇଥାଏ। ଶ୍ରୀ ସାହୁଙ୍କ ଲାଗି କଟକ ଦକ୍ଷିଣ ମଣ୍ଡଳ ତଥା ଓଡିଶା ପରିମଣ୍ଡଳ ସାରା ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ତାଙ୍କର କାର୍ଯ୍ୟ କରିବାର ଦକ୍ଷତା, ଡାକ ବିଭାଗ ପ୍ରତି ଥିବା ନିଷ୍ଠାପରତା ମନୋଭାବ ଓ ସମସ୍ତ ଜନସାଧାରଣଙ୍କ ନିକଟତର ହୋଇ କାମ କରିବା ତାଙ୍କ ପାଇଁ ଏହି ଆୱାର୍ଡ ଆଣି ଦେବା ସହ ଅନ୍ୟ କର୍ମଚାରୀମାନଙ୍କ ପାଇଁ ଆଗାମୀ ଦିନମାନଙ୍କରେ ପ୍ରେରଣା ଆଣିଦେବ ବୋଲି କଟକ ଦକ୍ଷିଣ ଡାକ ମଣ୍ଡଳର ଡାକ ଅଧିକ୍ଷକ ଶ୍ରୀ କର ମତବ୍ୟକ୍ତ କରିବା ସହ ଶ୍ରୀ ସାହୁଙ୍କର ଉତ୍ତରୋତ୍ତର ଉର୍ନ୍ନତି କାମନା କରିଛନ୍ତି।

# ମଧ୍ୟକଚ୍ଛ ସେବା ସମବାୟ ସମିତି କର୍ମକର୍ତ୍ତା ନିର୍ବାଚନ



**ସାଲେପୁର(ଏନ୍.ଏମ୍.):** ସାଲେପୁର ଅନ୍ତର୍ଗତ ମଧ୍ୟକଚ୍ଛ ସେବା ସମବାୟ ସମିତିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ତେବେ ସଭାପତି ନିର୍ବାଚନ ନିମନ୍ତେ ୭ଟି ସେଟ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିଲା। ମାତ୍ର ସର୍ବସମ୍ମତି କ୍ରମେ ସମସ୍ତ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ଭାସ୍କର କିଶୋର କରଙ୍କୁ ଚୟନ ଯାଇଥିଲା। ଫଳରେ ଶ୍ରୀ କର ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ସମୟରେ ମଧ୍ୟକଚ୍ଛ ସେବା ସମବାୟ ସମିତିର ୧୫ ଜଣ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଶ୍ରୀ କର ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବାରୁ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କୁ ଶୁଭେଚ୍ଛାଜ୍ଞାପନ କରାଯାଇଛି। ସହ ସମ୍ପାଦକ କାଳନ୍ଦୀ ଚରଣ ଦାସ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ସରପଞ୍ଚ ସଞ୍ଜୟ କୁମାର ବେହୁରା, ବରିଷ୍ଠ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦଳାଇଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଭାରତୀୟ ମଜଦୂର ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ସମ୍ମିଳନୀ




**କଟକ(ଏନ୍.ଏମ୍.):** ଭାରତୀୟ ମଜଦୂର ସଂଘ ପକ୍ଷରୁ ସ୍ଥାନୀୟ ସିଡିଏସ୍ଥିତ ଦତ୍ତାତ୍ରେୟ ଭବନଠାରେ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ଉପସଭାପତି ପୁଷ୍ପଲତା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଭାରତୀୟ ମଜଦୂର ସଂଘର ରାଜ୍ୟ କମିଟି ସଦସ୍ୟ ତଥା କଟକ ଜିଲ୍ଲା ପ୍ରଭାରୀ ଅକ୍ଷୟ କୁମାର ଦାସ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ରେଡ୍କ୍ରସ ବ୍ଲଡ ବ୍ୟାଙ୍କ କର୍ମଚାର ସଂଘର ସାଧାରଣ ସମ୍ପାଦକ ରବିନାରାୟଣ ସାହୁ, ମୁଖ୍ୟବକ୍ତା ଭାବେ ସଂଘର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ସଂଘଠନ ସୁଦୃଢ଼ କରିବା ସହିତ କର୍ମଚାରୀମାନଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ। ବିଶେଷ କରି ବହୁ ଶ୍ରମିକ ସଂଗଠନ ଶ୍ରମିକଙ୍କ ସ୍ୱାର୍ଥପାଇଁ ଲଢୁଥିବା ଡିଣ୍ଡିମ ପିଟୁଥିବାବେଳେ କିଭଳି ଶୋଷଣ କରୁଛନ୍ତି ସେ ସଂକ୍ରାନ୍ତରେ ବକ୍ତାମାନେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିବାବେଳେ ଜିଲ୍ଲା ସମ୍ପାଦକ ଭାଗୀରଥି ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୌରାଙ୍ଗ ଚରଣ ରଥ, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ରମାକାନ୍ତ ସାହୁ, ଅଶୋକ ସାଇନ, ସୁଧୀର ନାୟକ, ସୁମତି ଆଚାର୍ଯ୍ୟ, ସୁନ୍ତୋଷ କୁମାର ଭୂଖାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମହାନଦୀ ଡିଗ୍ରୀ ମହାବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁଙ୍କ ୯୪ତମ ଶ୍ରାଦ୍ଧ ବାର୍ଷିକ



କଖଡି/ଟାଙ୍ଗୀ-**ଚୌଦ୍ୱାର(ଏନ୍.ଏମ୍.):** କଟକ ସ୍ଥିତ ମହାନଦୀ ଡିଗ୍ରୀ ମହାବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁଙ୍କ ୯୪ ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ 'ସେବା ଓ ସେବକ' ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ସଂପାଦକ ଫକୀର ଚରଣ ସୀତାରାମ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ନର୍ସିଂ କଲେଜର ଅଧକ୍ଷା ରାଜଶ୍ରୀ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ତଥା ବାଗ୍ମୀ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶ୍ୱେତକାନ୍ତ ବେହେରା, କଖଡି ଗ୍ରାମ ପଞ୍ଚାୟତର ସରପଞ୍ଚ କଳ୍ପନା ଛତାର, ସମାଜସେବୀ ତଥା କଖଡି ଗ୍ରାମ୍ୟ କମିଟି ସଭାପତି ଦିଲ୍ଲୀପ କୁମାର ଛତାର, ମହାବିଦ୍ୟାଳୟ ଅଧକ୍ଷ ବିକାଶ ଚନ୍ଦ୍ର ଖଟୁଆ ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁଙ୍କ ସେବା, ତ୍ୟାଗପୂତ ଜୀବନ, ଓଡିଶା ପ୍ରତି ମହନୀୟ ଦାନ, ସମାଜସେବା, ଓଡିଆ ସାହିତ୍ୟର ଅସ୍ମିତା ରକ୍ଷାରେ ତାଙ୍କ ଅବଦାନ, ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ଡକ୍ଟର କଳ୍ପନା ଦାସ, ଅଧ୍ୟାପକ ସଞ୍ଜିବ କୁମାର ସାହୁ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ଛାତ୍ରୀ ସିପ୍ରା, ପୁଷ୍ପଲତା, ଲକି, କୁମୁଦିନୀ, ପଙ୍କଜୀନୀ ପ୍ରମୁଖ ଜାତୀୟ ସଂଗୀତ ଗାନ କରିଥିଲେ। ଛାତ୍ରୀ ଭାଗ୍ୟ ଲିପ ବେହେରା ବେହେଲା ବାଦନ କରିଥିଲେ। ଛାତ୍ରୀ ଲିପି, ଏବଂ ଛାତ୍ର ମାନସ, ବିଜୟ, ଧନେଶ୍ୱର ଶ୍ରଦ୍ଧା ସୁମନ ପ୍ରଦାନ କରି ଥିଲେ। ମହା ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ବିଦ୍ୟାଥୀ ସହଯୋଗ କରିଥିଲେ। କୃତି ଛାତ୍ରୀ ଯଶୋଦା ମହାନ୍ତି, ସୋନାଲିନ୍ କର,ପୁଷ୍ପଲତା ସାହୁଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀ ହରପ୍ରିୟା ବାରିକ ସଭା ପରିଚାଳନା କରିଥିଲେ। ଛାତ୍ର ନେତା ସୌମ୍ୟ ରଂଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱଜିତ ସେନାପତି, ବିଶ୍ୱନାଥ ବାରିକ, ଆକାଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସିଏମସି ୫୩ ନମ୍ବର ୱାର୍ଡର ସ୍ଥିତି ପରଖିଲେ ମେୟର ସୁବାଷ ସିଂହ

**କଟକ(ଏନ୍.ଏମ୍.):** ସିଏମସି ୫୩ ନମ୍ବର ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ଅନୁରୋଧ ରକ୍ଷା କରି ମେୟର ସୁବାସ ସିଂହ ୱାର୍ଡ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏହି ପରିଦର୍ଶନ ସମୟରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ୱାର୍ଡ କର୍ପୋରେଟର ଶ୍ରୀ ଜେନା ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ୱାର୍ଡ଼ର କଲ୍ୟାଣୀ ନଗର, ଅନ୍ଦରପୁର, ଶ୍ରୀକ୍ଷେତ୍ର ନଗର, ଦୁଲ୍ଲାଦେଇ ରୋଡ ଆଦି ଅଞ୍ଚଳର ରାସ୍ତା, ନାଳନର୍ଦ୍ଦମା ଗୁଡିକର ଅବସ୍ଥା ତଦାରଖ କରିବା ସହ ଅନ୍ଦରପୁର ଠାରେ ଥିବା ବସ୍ତି ଉନ୍ନୟନ ପ୍ରକଳ୍ପରେ ରହୁଥିବା ଅନ୍ତେବାସୀମାନଙ୍କର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ପ୍ରାୟ ପ୍ରତ୍ୟେକ ଜାଗାରେ ଲୋକମାନେ ଜାଇକା ସମସ୍ୟା ସହ ସଫେଇ କାର୍ଯ୍ୟ ଠିକ ଭାବେ ହେଉନଥିବା ନେଇ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେୟର ସମସ୍ତଙ୍କ ଅଭିଯୋଗ ଶୁଣିସାରିବା ପରେ ଖୁବ ଶୀଘ୍ର ଏହାର ସମାଧାନ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଏମସିର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ୫୨ ନମ୍ବର ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା, ୱାର୍ଡ ସଭାପତି ରଜନୀକାନ୍ତ ପରିଜା, ବିପିନ କୁମାର ଭୋଳ, ସୁଶାନ୍ତ କୁମାର ବେହେରା, ବ୍ୟୋମକେଶ କାନୁନଗୋ, ୱାର୍ଡ ସଫେଇ ଦାୟିତ୍ୱରେ ଥିବା ଗିତୀରଞ୍ଜନ ମହାନ୍ତି, ବିଦ୍ୟୁଲତା ସ୍ୱାଇଁ, ରବିନ୍ଦ୍ର କୁମାର ଦାସ, ପ୍ରମୋଦ କୁମାର ଭୋଳ, ରଞ୍ଜିତ କୁମାର ରାଉତ, ନିବାସ ବେହେରା, ସଚ୍ଚିଦାନନ୍ଦ ସାହୁ, ଚନ୍ଦନ କୁମାର ମିଶ୍ର, ସୌମ୍ୟରଞ୍ଜନ ଜେନା, ମନୋରଞ୍ଜନ ଜେନା ପ୍ରମୋଦ କୁମାର ରାଉତ, ରବିନ୍ଦ୍ର କୁମାର ଦାସ, ଅଧିର କୁମାର ବେଉରାଙ୍କ ସମେତ, ସିଓ, ସ୍ୱଚ୍ଛ ସାଥୀ ଉପସ୍ଥିତ ଥିଲେ।

# ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ : ଝୁଲନ୍ତା ଅବସ୍ଥାରେ ଶବ ଜବତ କଲା ପୁଲିସ



**ଟାଙ୍ଗୀ-ଚୌଦ୍ୱାର(ଏନ୍.ଏମ୍.):** ଚୌଦ୍ୱାର ଥାନା ଅଞ୍ଚଳରେ ଆଜି ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଖବର ପାଇ ଚୌଦ୍ୱାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ଝୁଲନ୍ତା ମୃତ ଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇଛି। ଏ ନେଇ ଚୌଦ୍ୱାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳୁ ସକାଳୁ ଚୌଦ୍ୱାରଥାନା ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ଅଞ୍ଚଳରେ ଥିବା ତୋଟାରେ ଗଛରେ ଜଣେ ଯୁବକ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଉକ୍ତ ଯୁବକ ଜଣକ ବେକରେ ରସି ଲାଗିଥିବାବେଳେ ତାହା ଗଛ ଡାଳରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ଚୌଦ୍ୱାର ଥାନାକୁ ଖବର ଦେଇଥିଲେ। ତେବେ ଉକ୍ତ ଯୁବକ ଜଣ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ଆଉ କେହି କେହି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହିଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିଥିଲେ ମଧ୍ୟ ଚୌଦ୍ୱାର ଥାନା ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ତେବେ ମୃତକ ଜଣକ ଟାଙ୍ଗୀ ଅଞ୍ଚଳ ଆଞ୍ଜୁଆ ଗ୍ରାମର ଅବକାଶ ପ୍ରଧାନ(୨୨) ବୋଲି ଜଣାପଡ଼ିଛି। ସେ ଚୌଦ୍ୱାର ଇନ୍ଦ୍ରାଣୀପାଟଣା ପଞ୍ଚାୟତରେ ଥିବା ଏକ ଘରୋଇ କମ୍ପାନରେ କାଯ୍ୟ କରୁଥିଲା। ଗତକାଲି ରାତି ୧୦ଟା ବେଳେ କମ୍ପାନୀରୁ ବାହାରକୁ ଆସିଥିବାବେଳେ ଅବକାଶ ଘରକୁ ପଳାଇଯାଇଥିବା ସହକର୍ମୀମାନେ ଭାବିଥିବା କହିଥିଲେ। ହେଲେ ଆଜି ସକାଳୁ କମ୍ପାନୀ ନିକଟରେ ଥିବା ଏକ ଆମ୍ବଗଛରେ ଯୁବକଟି ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ମୃତ ଯୁବକ ଜଣକ ଝୁଲୁଥିବା ଅଞ୍ଚଳରେ ଭଙ୍ଗା ମଦବୋତଲ, କିଛି ଚାଖଣା ସାମଗ୍ରୀ ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଥିଲା; ଯାହା ତାଙ୍କ ମୃତ୍ୟୁକୁ ଅଧିକ ସନ୍ଦେହ ଘେରକୁ ଟାଣି ଆଣିଛି। ତେବେ ଖବର ପାଇ ଯୁବକର ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିଥିବାବେଳେ ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ତେଣୁ ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚିନାରାୟଣ ପତି ପ୍ରକାଶ କରିଛନ୍ତି।

# ଥାନାରୁ ଆସିବା ପରେ ଯୁବକଙ୍କ ଆତ୍ମହତ୍ୟା !: କାରଣ ଅସ୍ପଷ୍ଟ



**ସାଲେପୁର(ଏନ୍.ଏମ୍.):** ଜଗତପୁର ଥାନା ପାଗା ଫାଣ୍ଡି ଅନ୍ତର୍ଗତ ଗୁଣ୍ଡପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଅଚାନକ ମୃତ୍ୟୁ ହେବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ ମୃତକ ଜଣକ ମାନସିକ ଚାପରେ ପଡ଼ି ଆତ୍ମହତ୍ୟା କରିଥିବା ଅଞ୍ଚଳବାସୀ ଆଲୋଚନା କରୁଛନ୍ତି। ତେବେ କେଉଁ କାରଣ ନେଇ ଯୁବକ ଜଣକ ଆତ୍ମହତ୍ୟା କଲେ, କାହିଁକି ମାନସିକ ଚାପରେ ରହୁଥିଲେ ତାହାର ପ୍ରକୃତ କାରଣ ଜଣାପଡ଼ିନାହିଁ। ତେବେ ମୃତ ବ୍ୟକ୍ତି ଜଣକ ଗୁଣ୍ଡପଡ଼ା ଗ୍ରାମର ପ୍ରତାପ ମାଝୀ(୩୬) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ପ୍ରତାପଙ୍କ ପାରିବାରିକ ଅଶାନ୍ତି ଦୀର୍ଘଦିନ ଧରି ରହିଆସିଥିଲା। ତେବେ ତାଙ୍କର ଏକାଧିକ ପତ୍ନୀ ଥିବା ଅଭିଯୋଗ କରି ପ୍ରଥମ ପତ୍ନୀ ତାଙ୍କ ଠାରୁ ଅଲଗା ରହୁଥିଲେ। ଏ ନେଇ ପ୍ରଥମ ପତ୍ନୀ ପ୍ରତାପଙ୍କ ବିରୋଧରେ ଥାନାର ଆଶ୍ରୟ ମଧ୍ୟ ନେଇଥିଲେ। ପ୍ରଥମ ପତ୍ନୀଙ୍କ ଅଭିଯୋଗ ଆଧାରରେ ପୁଲିସ ପ୍ରତାପକୁ ଡକାଇ ଉଭୟ ପତି ପତ୍ନୀଙ୍କ ଉପସ୍ଥିତିରେ କୌଣସି ଆଲୋଚନା ହୋଇଥିଲା। ଉଭୟଙ୍କ ମଧ୍ୟରେ ଆଲୋଚନା ହେବାପରେ ପ୍ରତାପ ଥାନାରୁ ଫେରିଥିଲେ। ତେବେ ସେତେବେଳେ ସେ କୌଣସି ଅବସାଦ କିମ୍ବା ଚିନ୍ତାଗ୍ରସ୍ତ ନଥିବା ଏବଂ ଖୁସ ମିଜାଜରେ ଥିବା ପଡୋଶୀମାନେ କହିଛନ୍ତି। କିନ୍ତୁ ଥାନାରୁ ଆସିବା ପରେ ପ୍ରତାପ ନିଜଘରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ତେବେ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ସାଲେପୁର ରିଟେଲ ସଂଘ ପକ୍ଷରୁ ବିକ୍ଷୋଭ



**ସାଲେପୁର (ଏନ୍.ଏମ୍.):** ସର୍ବ ଭାରତୀୟ ଡିଲରସ ଫେଡରେସନର ଡାକରାରେ ରିଟେଲ ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ଓଡ଼ିଶାର ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ସାଲେପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନାର ବଣ୍ଟନ ବାବଦୀୟ ପାରିଶ୍ରମିକ ଅର୍ଥ ପ୍ରଦାନ, ଇ-ପୋଷ ମେସିନ ବ୍ୟବହାରିକ ଖର୍ଚ୍ଚ ବାବଦରେ ବକେୟା ବର୍ଷ ଗୁଡ଼ିକର ଅର୍ଥ ପ୍ରଦାନ ଏବଂ କୋରନା ସମୟରେ ମଧ୍ୟାହ୍ନ ଭୋଜନ ବଣ୍ଟନର ପାରିଶ୍ରମିକ ଅର୍ଥ ପ୍ରଦାନ ଆଦି ଏଭଳି ୮ ଗୋଟି ଦାବି ନେଇ ବ୍ଲକର ସମସ୍ତ ଡିଲର ମାନେ ଏକ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାସହ ଧାରଣା ରେ ବସିଥିଲେ। ଏ ନେଇ ବିକ୍ଷୋଭକାରୀମାନେ ଏକ ଦାବିପତ୍ର ବିଡ଼ିଓଙ୍କ ଜରିଆରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ପ୍ରଦାନ କରିଛନ୍ତି। ତେବେ ଆଗାମୀ ଦିନରେ ଯଦି ସେମାନଙ୍କ ଦାବି ଉପରେ ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନକରନ୍ତି ତାହାହେଲେ ସେମାନେ ଆଗାମୀ ଦିନରେ ଚରପ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି।

# ହାତୀ କଙ୍କାଳ ମିଳିବା ଘଟଣା ; ଆଉ ଜଣେ ଶିକାରୀ ଗିରଫ



**ଆଠଗଡ(ଏନ୍.ଏମ୍.):** ଆଠଗଡ ବନଖଣ୍ଡ ଅନ୍ତର୍ଗତ ବଡମ୍ବା ବନାଞ୍ଚଳରେ ଜୁନ ୨ରୁ ଅଦ୍ୟାବଧି ୪ଟି ହାତୀ କଙ୍କାଳ ମିଳିବା ଏବଂ ନରସିଂହପୁର ପୂର୍ବ ବନାଞ୍ଚଳରେ ଏକ ଦନ୍ତାହାତୀ ଶିକାରୀ ଗୁଳିରେ ମରିବା ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବେଳେ ବନବିଭାଗର ନିଦ ହଜାଇ ଦେଇଛି। ଏହିସବୁ ଘଟଣାରେ ଅଦ୍ୟାବଧି ଶିକାରୀ ଓ ବନବିଭାଗ କର୍ମଚାରୀଙ୍କୁ ମିଶାଇ ମୋଟ ୧୩ଜଣଙ୍କୁ ଗିରଫ କରାଯାଇଛି। ତେବେ ନରସିଂହପୁର ଅଞ୍ଚଳର ଜଣେ ହାତୀ ଶିକାରୀକୁ ବନବିଭାଗ ପକ୍ଷରୁ କଟକ ସହରର ତୁଳସୀପୁର ଦେଉଳସାହି ଅଞ୍ଚଳରୁ ଧରା ଯାଇଥିବା ଜଣାପଡିଛି। ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଧବଙ୍କ ନିର୍ଦ୍ଦେଶକ୍ରମେ ଗତ ୨ଦିନ ହେବ ସହକାରୀ ବନ ସଂରକ୍ଷକ ଘନଶ୍ୟାମ ମୁଦୁଲିଙ୍କ ନେତୃତ୍ୱରେ ବନବିଭାଗର ଏକ ସ୍ୱତନ୍ତ୍ର ସ୍କାର୍ଡ ସଂପୃକ୍ତ କୁଖ୍ୟାତ ହାତୀ ଶିକାରୀକୁ ଧରିବା ପାଇଁ ଜାଲ ବିଛାଇଥିଲେ। ମୋବାଇଲ ଫୋନ ଟ୍ରାକିଂରୁ ସେ କଟକ ସହରରେ ଥିବା ଜାଣିବା ପରେ ଉକ୍ତ ସ୍ୱତନ୍ତ୍ର ସ୍କାର୍ଡ ଶନିବାରଠାରୁ ତାକୁ ଧରିବା ପାଇଁ ଉଦ୍ୟମ କରି ଶେଷରେ ରବିବାର ସକାଳେ ତାକୁ କାବୁ କରି ଆଠଗଡ ବନଖଣ୍ଡ କାର୍ଯ୍ୟାଳୟକୁ ଆଣିଥିବା ଜଣାପଡିଛି। ନରସିଂହପୁର ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମର ଧର୍ମରାଜ ନାଏକ ନାମକ ସଂପୃକ୍ତ ଶିକାରୀ ପୂର୍ବରୁ ବହୁ ହାତୀ ଓ ଅନ୍ୟ ବନ୍ୟଜନ୍ତୁ ଶିକାର କରିଥିବାର ପ୍ରମାଣ ରହିଛି। ବଡମ୍ବା ବନାଞ୍ଚଳରେ ନିକଟରେ ପୋତାଯାଇଥିବା ଅବସ୍ଥାରେ ଉଦ୍ଧାର ହୋଇଥିବା ୪ଟି ହାତୀ କଙ୍କାଳ ମିଳିବା ଘଟଣାରେ ସଂପୃକ୍ତ ହାତୀ ଶିକାରୀ ଧର୍ମରାଜ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି। ବନବିଭାଗ ପକ୍ଷରୁ ତାକୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ତା ଠାରୁ ସମସ୍ତ ତଥ୍ୟପ୍ରମାଣ ମିଳିବା ପରେ ଘଟଣା ସଂପର୍କରେ ସବିଶେଷ ତଥ୍ୟ ବନବିଭାଗ ପକ୍ଷରୁ ଦିଆଯିବ ବୋଲି ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ପ୍ରକାଶ କରିଛନ୍ତି। ଏହି ଦୁର୍ଦ୍ଦାନ୍ତ ହାତୀ ଶିକାରୀକୁ ଧରିବା ଦ୍ୱାରା ବନବିଭାଗକୁ ଏକ ବଡ ସଫଳତା ମିଳିଛି ବୋଲି କୁହାଯାଉଛି।




# ଓଡିଶା ଶିଳ୍ପସଂଘ ପକ୍ଷରୁ ସମ୍ବର୍ଦ୍ଧନା




**ଜଗତପୁର(ଏନ୍.ଏମ୍.):** ଓଡିଶା ଶିଳ୍ପସଂଘ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀ ଜଗତପୁର ସ୍ଥିତ ଶିଳ୍ପ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ସିଏମସି ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ଶିଳ୍ପ ସଂଘ ଅଧକ୍ଷ ଅବନୀ କାନୁନଗୋ ସମ୍ବର୍ଦ୍ଧିତ କରିଥିଲେ । ସଂଘ ଅଧକ୍ଷ ଶ୍ରୀ କାନୁନଗୋଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଜଗତପୁର ଶିଳ୍ପାଞ୍ଚଳରେ ସମ୍ପ୍ରତି ୬୩୫ ଶିଳ୍ପ ଥିବା ବେଳେ ଏଠାରେ ୧ହଜାରରୁ ଉର୍ଦ୍ଧ ଶ୍ରମିକ କାମ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୫ଶହ ମହିଳା କାମ କରି ନିଜ ପରିବାର ପ୍ରତି ପୋଷଣ କରୁଛନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ତେବେ ଜଗତପୁର ଶିଳ୍ପାଞ୍ଚଳ କେବଳ ଜଗତପୁର କାହିଁକି ରାଜ୍ୟର ବିଭିନ୍ନ ଜିଲ୍ଲାର ଲୋକଙ୍କୁ ରୋଜଗାର ଯୋଗାଇ ପାରିଛି । ଏଥି ସହିତ ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଏକ ନୂତନ ବିପ୍ଳବ ସୃଷ୍ଟି କରିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ତେବେ ଏଠାରେ ଶିଳ୍ପ ପ୍ରତିଷ୍ଠା ଉଦ୍ୟୋଗୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନଥିବା ଯୋଗୁଁ ଶିଳ୍ପ କର୍ତ୍ତୃପକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ । ଜଗତପୁର ଶିଳ୍ପାଞ୍ଚଳର ମୁଖ୍ୟତଃ ଡ୍ରେନ ସମସ୍ୟା ଓ ବିଦ୍ୟୁତ ଟ୍ରାନ୍ସଫରମର ସ୍ଥାପନ କରିବା, ବିଭିନ୍ନ ସମୟରେ ଶିଳ୍ପାନୁଷ୍ଠାନକୁ ପ୍ରଶାସନିକ ସହଯୋଗ ଯୋଗାଇ ଦିଆଯିବାରେ ଅବହେଳା କରାଯାଉଥିବାରୁ ଏଥିପ୍ରତି ସରକାର ଦୃଷ୍ଟି ଦେବା ପାଇଁ ସଭାରେ ନିବେଦନ କରାଯାଇଥିଲା । ଏହି ଅବସରରେ ଶିଳ୍ପ ସଂଘ ପକ୍ଷରୁ ଏହି ଅଞ୍ଚଳର ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶିଳ୍ପ, ଏମ୍ଏସଏମଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଅନୁରୋଧ କରାଯାଇଛି । ଏଥି ସହିତ ସଭାରେ କିଛି ଶିଳ୍ପଦ୍ୟୋଗୀମାନେ ସେମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଦୀର୍ଘ ୪୦ ବର୍ଷର ଏହି ଶିଳ୍ପାଞ୍ଚଳରେ ବହୁ ସମସ୍ୟାରେ ରହିଥିବାରୁ ଏହାର ତୁରନ୍ତ ସମାଧାନ ଦିଗରେ ମନ୍ତ୍ରୀ ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି । ଏହି ସଭାରେ ଶିଳ୍ପପତି ଦେବେନ ରାୟ, ରାଜେଶ କାନୁନଗୋ, ପୁଷ୍ପା ସାମଲ, ସୁଧାକର ସ୍ୱାଇଁ, ଅଜୟ ପଣ୍ଡା, ଭବାନୀ ପଣ୍ଡିତ, ଦେବେନ୍ଦ୍ର ଶର୍ମା, ରୁଦ୍ର ଆଚାର୍ଯ୍ୟ, ଅନିରୁଦ୍ଧ ପୁହାଣ, ଜିଏସ ଆଚାର୍ଯ୍ୟ, ପ୍ରିୟନାଥ ମହାନ୍ତି, ରାମ ନାୟକ, ଅନିଲ ଜେନା, ସୁଭ୍ରକାନ୍ତ ପଣ୍ଡାଙ୍କ ସମେତ ବହୁ ଶିଳ୍ପଦ୍ୟୋଗୀ ଉପସ୍ଥିତ ଥିଲେ ।

## ଭିନ୍ନ ଏକ ପର୍ଶୁରାମ : ପନିକିରେ ମା'କୁ ହାଣି ହତ୍ୟା କଲା ପୁଅ

**ସାଲେପୁର(ଏନ୍.ଏମ୍.):** ପୁରାଣ ଯୁଗର ପର୍ଶୁରାମ ଯିଏକି ବାପାଙ୍କ କଥାରେ ମାତୃହତ୍ୟା କରିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ମା'ଙ୍କୁ ପୁନର୍ଜୀବିତ କରିବା ପାଇଁ ବାପାଙ୍କ ନିକଟରୁ ବର ପାଇ ମା'ଙ୍କୁ ବଞ୍ଚାଇଦେଇଥିଲା । ମାତ୍ର କଳିଯୁଗ ପର୍ଶୁରାମ ପିତାଙ୍କ ନିକଟରେ ସତ୍ୟରକ୍ଷା ପାଇଁ ନୁହେଁ ବରଂ ନିଜସ୍ୱ ସ୍ୱାର୍ଥ ପାଇଁ ପାରିବାରିକ କଳହ ପାଇଁ ଜନ୍ମଦାତ୍ରୀ ମା'କୁ ହତ୍ୟା କରିଥିବା ଜଣାପଡ଼ିଛି । ତେବେ ଦଶମାସ ଗର୍ଭରେ ଧରି ବହୁ କଷ୍ଟ କରି ଜନ୍ମ କରି ବଢ଼େଇ କୁଢ଼େଇ ମଣିଷ କରିଥିଲା ହେଲେ ମା' କ'ଣ ଜାଣିଥିଲା ଯେ ଜନ୍ମ କରିଥିବା ପୁଅ ହିଁ ଶେଷରେ ଜୀବନ ନେବ । ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଶୁକରପଡ଼ା ପଞ୍ଚାୟତ ୧୦ନମ୍ବର ୱାର୍ଡ଼ରେ । ସୂଚନା ଅନୁଯାୟୀ, ଶୁକରପଡ଼ା ପଞ୍ଚାୟତର ଗୌରାଙ୍ଗ ଚରଣ ସ୍ୱାଇଁଙ୍କ ପୁଅ ଜିତେନ୍ଦ୍ର ସ୍ୱାଇଁ (୨୧) କୌଣସି କାମଧନ୍ଦା ନକରି ଘରେ ବସିରୁହେ । ତେବେ ଗୌରାଙ୍ଗ ଏକୁଟିଆ ରୋଜଗାର କରି ପରିବାର ଚଳାଇବା କଷ୍ଟକର ହେଉଥିବାରୁ ଘରେ ଝଗଡା ହୋଇଥାଏ । ସେହିଭଳି ଆଜି ଗୌରାଙ୍ଗ ବଜାରକୁ ଯିବା ପରେ ମା' ପୁଅଙ୍କ ମଧ୍ୟରେ ସାମାନ୍ୟ ଝଗଡ଼ା ଲାଗିଥିଲା । ଏହି ସମୟରେ ଜିତେନ୍ଦ୍ର ଉତ୍କ୍ଷିପ୍ତ ହୋଇ ମା' ପ୍ରମିଳା ସ୍ୱାଇଁ ୫୫ଙ୍କୁ ପନିକିରେ ଚୋଟ ପରେଚୋଟ ବଜାଇଥିଲା । ତେବେ ପୁଅର ପନିକି ଚୋଟରେ ପ୍ରମିଳାଙ୍କ ବେକ କଟିଯିବା ସହ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କିଛି ସମୟ ଛଟପଟ ହୋଇ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଜଣାପଡ଼ିଛି । ତେବେ ପୁଅ ମା'କୁ ହାଣିଦେବା ପରେ ସାଇକେଲ ଧରି ଫେରାର ହୋଇ ଯାଇଥିବା ଜଣାପଡ଼ିଛି । ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି । ତେବେ ପୁଅ ମା'କୁ ହତ୍ୟାକରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି ।



# ବେଆଇନ ଧାନ ଚାଲାଣ ଘଟଣା : ୨ ଟ୍ରକ ଜବତ କଲା ଯୋଗାଣ ବିଭାଗ



**କେନ୍ଦୁଝର(ଏନ୍.ଏମ୍.):** ଢେଙ୍କିକୋଟ ଟିକିରା ଠାରୁ ବେଆଇନ ଧାନ ଚାଲାଣ ହେଉଥିବା ଧାନ ବୋଝେଇ ୨ ଟ୍ରକକୁ ଜିଲ୍ଲା ଯୋଗାଣ ବିଭାଗ ଜବତ କରିଛି । ଏହି ଟ୍ରକ ଦୁଇଟିରେ ୨ ଟ୍ରିପ ଧାନ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଖବର ପାଇ ଜିଲ୍ଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗର ଅଧିକାରୀ ମାନେ ଟିକିରା ନିକଟରେ ଧାନ ଗାଡିକୁ ଅଟକାଇଥିଲେ । ତେବେ ସେ ସମୟରେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଯୋଗାଣ ବିଭାଗ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଧାନ ଗାଡି ଦୁଇଟିକୁ ଯୋଗାଣ ବିଭାଗ ଜବଦ କରିବା ପରେ ପାଟଣା ବ୍ଲକ ଗୁଲୁଦି ପଶି ସ୍ଥିତ ବୈତରଣୀ ରାଇସ ମିଲକୁ ନେଇଥିଲେ । ଗାଡି ଦୁଇଟିକୁ ପାଟଣା ପୁଲିସକୁ ଜିମା ଦିଆଯାଇଛି । ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ବୀରକିଶୋର ମାରାଣ୍ଡି ଓ ସବ୍ୟସାଚୀ ବସ୍ତିଆଙ୍କ ସହ ଘଟଗାଁ ବ୍ଲକ ଯୋଗାଣ ନିରୀକ୍ଷକ ବାଜିନାଥ ମାହାଳି ପାଟଣା ବ୍ଲକ ଯୋଗାଣ ନିରିକ୍ଷୀକା ବିଦ୍ୟୁତଲତା ନାୟକ ଓ ସଦର ଯୋଗାଣ ନିରୀକ୍ଷକ ଅମ୍ବିକା ପ୍ରସାଦ ରଥ ପ୍ରମୁଖ ଉପସ୍ଥିତିରେ ଏହି ୨ ଗାଡିର ୭ ଶହ କୁଇଣ୍ଟାଲରୁ ଅଧିକ ଧାନ ବସ୍ତା ଓହ୍ଲାଇ ଦିଆଯାଇଥିବା ଜଣାପଡିଛି । ତେବେ କିଛି ଚାଷୀ ସ୍ୱଇଛାରେ ବେପାରୀଙ୍କୁ ଧାନ ବିକ୍ରି କରିଥିବା ଏଠାରେ ଅଭିଯୋଗ କରିଥିଲେ ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଖୁଣ୍ଟୁଣୀ(ଏନ୍.ଏମ୍.):** ସମ୍ପ୍ରତି ଗଣତନ୍ତ୍ର ଆଜି ବିପନ୍ନ ହୋଇଥିବା ବିଭିନ୍ନ ମହଲରେ ସ୍ୱର ଉଠିଛି । ସାମ୍ବାଦିକ ଓ ସମ୍ବାଦପତ୍ରର କଣ୍ଠ ରୋଧ କରାଯାଇ ବିନା କାରଣରେ ସାମ୍ବାଦିକ ମାନଙ୍କୁ ଆକ୍ରମଣ କରିବା, ମିଥ୍ୟା ମକଦ୍ଦମା କରି ଜେଲ ପଠାଇବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି । ତେବେ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫ ପ୍ରତିବାଦରେ ଆଜି ଆଠଗଡ ସବ ଡିଭିଜନ ସାମ୍ବାଦିକ ସଂଘପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆଠଗଡ ଅତିରିକ୍ତ ଉପଜିଲ୍ଲାପାଳ ଦିପ୍ତିମୟୀ ରାଉତଙ୍କୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଗଣତନ୍ତ୍ରର ୪ର୍ଥସ୍ତମ୍ଭ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ସହିତ ଦେଶ ଅରାଜକତା ଆଡ଼କୁ ଗତିକରିବ ବୋଲି କୁହାଯାଇଛି । ନ୍ୟୁଜ ଚ୍ୟାନେଲ ବଡ ଖବରର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ । ତାଙ୍କୁ ତାଙ୍କ ବ୍ୟକ୍ତିଗତ ବ୍ୟବସାୟ କାରବାରକୁ ନେଇ ଯେଭଳି ଅଗଣତାନ୍ତ୍ରିକ ଭାବେ ରାତି ଅଧିଆ ଘୋଷଡ଼ା ଓଟରା କରି ଗିରଫ କରାଯାଇ ଅପରାଧୀଙ୍କ ଭଳି ଜେଲକୁ ପଠାଇ ଦିଆଗଲା ତାହା କେବଳ ସାମ୍ବାଦିକ ନୁହଁନ୍ତି ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ତାଙ୍କୁ ଜେଲ ପଠାଇବା ପରେ ତାଙ୍କ ବାସଭବନକୁ ବେଆଇନ ଭାବେ ବିଦ୍ୟୁତ୍ ଆଲୋକ ଓ ପାଣି ଯୋଗାଣ କାଟି ଦିଆଗଲା ତାହା ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି । ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏକ ସ୍ଥିର ସରକାର ଚାଲୁଥିବା ବେଳେ ଗଣମାଧମ ଓ ସାମ୍ବାଦିକମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ କରି ଅସ୍ଥିର ସୃଷ୍ଟି କରୁଥିବା କେତେକ ନେତା ଓ ଅମଲାତନ୍ତ୍ର ଉପରେ ମୁଖ୍ୟମନ୍ତ୍ରୀ ଅଙ୍କୁଶ ଲଗାଇବାକୁ ସଂଘ ପକ୍ଷରୁ ଦାବି ହୋଇଛି । ନଚେତ ଆଗାମୀ ଦିନରେ ରାଜ୍ୟରେ ଅରାଜକତା ସୃଷ୍ଟି ହେବା ସହ ସାମ୍ବାଦିକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ସ୍ମାରକପତ୍ର ପ୍ରଦାନ ସମୟରେ କଟକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଲଲାଟେନ୍ଦୁ ସେନାପତି, ସବ ଡିଭିଜନ ସାମ୍ବାଦିକ ସଂଘ ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ସମାଜ ସାମ୍ବାଦିକ ସୁଧିରଞ୍ଜନ ଦାସ, ବଡଖବର କଟକ ପ୍ରତିନିଧି ଶିବୁ ପଟ୍ଟନାୟକ ଓ ନିର୍ମଳ କୁମାର, ଅର୍ଦ୍ଧେନ୍ଦୁ ମହାନ୍ତି, ମନୋରଞ୍ଜନ ମହାପାତ୍ର, ପତିତପାବନ ରାଉତ, ସଂଘ ଉପସଭାପତି ସର୍ବେଶ୍ୱର ପଣ୍ଡା, ଯଶୋବନ୍ତ ବାରିକ, ସନ୍ତୋଷ କୁମାର ବାରିକ, ରଜନୀକାନ୍ତ ଜେନା, ଅଭୟ ନାୟକ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତଥିଲେ ।



## ୧୭୧୭.୯୧ କୋଟି ଟଙ୍କାର ଜିଏସ୍‌ଟି ଠକେଇ

# ଜାଲ ବିଲ ରାକେଟର ପର୍ଦ୍ଦାଫାସ, ୫ ମାଷ୍ଟର ମାଇଣ୍ଡ ଗିରଫ

**କଟକ(ଏନ୍.ଏମ୍.):** ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗକୁ ଏକ ବଡ଼ ସଫଳତା ମିଳିଛି । ୨୪ ଟି ଠକ ସଂସ୍ଥା ମାଧ୍ୟମରେ ଜାଲ ବିଲ ଓ ଜାଲ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ରାକେଟର ପର୍ଦ୍ଦା ଫାଶ କରିଛି ଏନଫୋର୍ସମେଣ୍ଟ ୱିଙ୍ଗ । ଆଜି ୪୮ ଜଣ ଟିକସ ଅଧିକାରୀଙ୍କୁ ନେଇ ଗଠିତ ୧୨ ଟି ଟିମ ଏହି ୫ ଜଣ ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରିଛନ୍ତି । ଏଥିପାଇଁ ୩୫ ଜଣ ପୋଲିସ କର୍ମଚାରୀଙ୍କ ସହାୟତା ନିଆଯାଇଥିଲା । ଗିରଫ ହୋଇଥିବା ଏହି ୫ ଜଣ ମାଷ୍ଟରମାଇଣ୍ଡମାନେ ହେଲେ ଧନଓ୍ୱାନ ସ', ରାମ ଭରୋଷେ ସ', ମନୋଜ କୁମାର ପାଣ୍ଡେ । ଏମାନେ ସମସ୍ତେ ରାଉରକେଲା ସ୍ଥିତ ୩ ଟି କମ୍ପାନୀର ବର୍ତ୍ତମାନ ଏବଂ ପୂର୍ବତନ ଡାଇରେକ୍ଟର ଅଟନ୍ତି । ଏହି କମ୍ପାନୀଗୁଡିକ ହେଲା ମେସର୍ସ ସ୍ୱସ୍ତିକ ଇନ୍‌ଗଟ (ପ୍ରା) ଲିମିଟେଡ, ମେସର୍ସ ସୁନୟନା ମେଟାଲ ଇଣ୍ଡଷ୍ଟ୍ରିସ ଲିମିଟେଡ ଏବଂ ମେସର୍ସ ସାଇରାମ ଇନଗଟ (ପ୍ରା) ଲିମିଟେଡ । ଉପରୋକ୍ତ ୩ ଜଣ ମାଷ୍ଟରମାଇଣ୍ଡ ବ୍ୟତୀତ ଅନ୍ୟ ଯେଉଁ ୨ ଜଣଙ୍କୁ ଗିରଫ କରାଯାଇଛି ସେମାନେ ହେଲେ ସୁନ୍ଦରଗଡ ଜିଲ୍ଲାର ବଡଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମ ସ୍ଥିତ ମେସର୍ସ ସୁବାସ ଗ୍ରେଡ଼ର୍ସର ପ୍ରୋପ୍ରାଇଟର ସୁବାସ କାଣ୍ଡୁଲାନା ଓ ତାଙ୍କର ସହଯୋଗୀ ରାଉରକେଲା ସ୍ଥିତ ବାସନ୍ତୀ କଲୋନୀର ବାସିନ୍ଦା ନିକୁ ସିଂହ ଓରଫ ଛତର ସିଂହ । ଏହି ସମସ୍ତ ଅପରାଧୀମାନଙ୍କୁ ୧୭୧୭.୯୧ କୋଟି ଟଙ୍କା ଜାଲ ବିଲ ବଳରେ ୩୧୧.୦୩ କୋଟି ଟଙ୍କାର ଜାଲ ଆଇଟିସି ଆତ୍ମସାତ ଏବଂ ହସ୍ତାନ୍ତର କରିଥିବା ଅଭିଯୋଗରେ ଗିରଫ କରାଯାଇଛି । ଏହା ଜିଏସ୍‌ଟି ଆଇନର ଧାରା ୧୩୨ (୧)(ଖ)(ଗ) ଓ ୧୩୨(୫) ଅନୁସାରେ ଧାର୍ଯ୍ୟବ୍ୟ ଓ ଜାମିନବିହୀନ ଅପରାଧ । ଉପରୋକ୍ତ ମାଷ୍ଟରମାଇଣ୍ଡମାନେ ନିଜ କମ୍ପାନୀ ବ୍ୟତୀତ ୨୩ ଟି ଅନ୍ୟ ଜାଲ ସଂସ୍ଥା ସୃଷ୍ଟିକରି ଜାଲ କାରବାର କରିବା ସହ ଜାଲ ଆଇଟିସି ଅନ୍ୟମାନଙ୍କୁ ହସ୍ତାନ୍ତର କରି ଟିକସ ଫାଙ୍କୁଥିଲେ । ଏହି କାରବାରରେ ପ୍ରକୃତ ପକ୍ଷେ ଜିନିଷପତ୍ରର କୌଣସି କିଣା ବିକା ହୋଇନଥିଲା । ସବୁକିଛି କାଗଜ ପତ୍ରରେ ଦର୍ଶାଯାଇ ରାଜ୍ୟ ରାଜସ୍ୱ ଠକି ଚାଲିଥିଲେ । ତଦନ୍ତ ସମୟରେ ନିମ୍ନ ପ୍ରକାର ଠକାମି ସାମ୍ନାକୁ ଆସିଛି । ୨୦୧୯ -୨୦ ରେ ୪୯ ଗୋଟି ସନ୍ଦିଗ୍ଧ ଭୂତ ବ୍ୟବସାୟିକ ସଂସ୍ଥା ଉପରେ ଏକକାଳୀନ ଚଢାଉ କରି ଅନୁସନ୍ଧାନରୁ ଜଣାପଡିଥିଲା ଯେ ୪୯ ଟି ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରୁ ୪୭ଟି ଜାଲ ସଂସ୍ଥା ଥିଲା । କେନ୍ଦ୍ରୀୟ ଜିଏସ୍‌ଟି କର୍ତ୍ତୃପକ୍ଷ ଦ୍ୱାରା ତଦନ୍ତ କରାଯାଇ ଥିବା ୨୩ ଟି ସଂସ୍ଥାକୁ ବାଦ ଦେଇ ଅବଶିଷ୍ଟ ୨୬ ଟି ସଂସ୍ଥା ସମ୍ପର୍କରେ ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗ ଅନୁସନ୍ଧାନ ଚଳାଇଥିଲା । ଅନୁସନ୍ଧାନରୁ ଜଣାପଡିଛି ଯେ ଆଜି ଗିରଫ ହୋଇଥିବା ଅଭିଯୁକ୍ତମାନେ ୨୪ଟି ଭୂତ ସଂସ୍ଥା ସୃଷ୍ଟିର ମାଷ୍ଟର ମାଇଣ୍ଡ । ଏହି ଭୁତ ସଂସ୍ଥାଗୁଡିକୁ ସୃଷ୍ଟି ଏବଂ କାର୍ଯ୍ୟକାରିତା ପାଇଁ ସେମାନେ ନିରୀହ ଲୋକ ଯଥା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଏଲଆଇସି ଏଜେଣ୍ଟ, କ୍ରେନ୍ ଚାଳକ, ଦିନ ମଜୁରୀଆ, କୃଷକ, ରାସ୍ତାକଡ଼ ବିକ୍ରେତା, ଗାଡି ପଞ୍ଜୀକରଣର ଏଜେଣ୍ଟ, ଗୃହିଣୀ ଆଦିଙ୍କୁ ମାସିକ ୫୦୦୦ ଟଙ୍କାରୁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ନିୟମିତ ମାସିକ ଆୟ ଯୋଗାଇ ଦେବା ଆଳରେ ସେମାନଙ୍କ ଠାରୁ ବିଭିନ୍ନ ପରିଚୟ ପତ୍ର ଯଥା ପାନ୍, ଆଧାର,ବ୍ୟାଙ୍କ ପାସବୁକ୍ ଇତ୍ୟାଦି ହାସଲ କରିଥିଲେ ଏବଂ ଏଗୁଡ଼ିକୁ ଜିଏସଟି ପଞ୍ଜୀକରଣ ପାଇଁ ଅପବ୍ୟବହାର କରିଥିଲେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନର ସୁଶିଲ କୁମାର ଲୋହାନି ସୂଚନା ଦେଇଛନ୍ତି ।

# ମୋଦିଙ୍କୁ ପ୍ରଶଂସା କଲେ ପ୍ରଦୀପ ପାଣିଗ୍ରାହୀ, କହିଲେ- ମୁଁ ସ୍ୱାଧୀନ ବିଧାୟକ

**ଭୁବନେଶ୍ୱର(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀଙ୍କ ଠାରୁ କୋଣଠେସା ଖାଇବା ପରେ ଏବେ ପ୍ରଧାନମନ୍ତ୍ରୀଙ୍କ ମୋଦିଙ୍କ ଆଡ଼କୁ ଢଳିଲେଣି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ । ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସାରେ ପୋତି ପକାଇ ତାଙ୍କ ଋଣ ଓଡ଼ିଶାବାସୀ କେବେ ସୁଝି ପାରିବେନି ବୋଲି କହିଛନ୍ତି । ଏଥିସହ ସବୁବେଳେ ନିଜକୁ ବିଜେଡିର ୨୬ ନମ୍ବର ବିଧାୟକ ବୋଲି କହୁଥିବା ପ୍ରଦୀପ ପାଣିଗ୍ରାହୀ ପ୍ରଥମ ଥର ପାଇଁ ନିଜକୁ ସ୍ୱାଧୀନ ବିଧାୟକ ବୋଲି କହିବାକୁ ପଛାଇ ନାହାନ୍ତି । ଫଳରେ ନିଜ ଉପରୁ ବିଜେଡି ଟ୍ୟାଗ୍ ହଟାଇ ବିଜେପିରେ ଏଣ୍ଟ୍ରି ମାରିବାକୁ ବିଧାୟକ ପାଣିଗ୍ରାହୀ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ଜୋର ଧରିଲାଣି । ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି, ମୋଦି ଓଡ଼ିଆ ଜାତିକୁ ଯେଉଁ ସମ୍ମାନ ଦେଇଛନ୍ତି, କୌଣସି ପ୍ରଧାନମନ୍ତ୍ରୀ ଦେଇନାହାନ୍ତି । ସ୍ୱାଧୀନତା ପୂର୍ବରୁ କିମ୍ବା ପରେ କୌଣସି ପ୍ରଧାନମନ୍ତ୍ରୀ ଓଡ଼ିଆଙ୍କୁ ଏତେ ବଡ଼ ଗୁରୁ ଦାୟିତ୍ୱ ଦେଇ ନାହାନ୍ତି । ମୋଦି ନିଜ ୮ ବର୍ଷର ଶାସନ କାଳରେ ଓଡ଼ିଆଙ୍କୁ ବହୁ ବଡ଼ ଦାୟିତ୍ୱ ଦେଇଛନ୍ତି । ଶକ୍ତିକାନ୍ତ ଦାସଙ୍କ ଠାରୁ ଆରମ୍ଭ କରି ଗିରୀଶ ମୁର୍ମୁ, ଧର୍ମେନ୍ଦ୍ର ପ୍ରଧାନଙ୍କ ଯାଏଁ ବହୁ ଓଡ଼ିଆ ବଡ଼ ବଡ଼ ଗୁରୁ ଦାୟିତ୍ୱ ସମ୍ଭାଳିଛନ୍ତି । ଏହାବାଦ ଦେଶର ସର୍ବୋଚ୍ଚ ପଦରେ ଆଜି ଜଣେ ଓଡ଼ିଆ ଝିଅଙ୍କୁ ସୁଯୋଗ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଏଥିପାଇଁ ଓଡ଼ିଶାବାସୀ ମୋଦିଙ୍କ ପ୍ରତି ଚିର ଋଣୀ, ତାଙ୍କ ଋଣ କେବେ ସୁଝି ହେବନି ବୋଲି କହିଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ । ଏଥିସହ ପ୍ରଥମଥର ପାଇଁ ନିଜ ଉପରୁ ବିଜେଡି ଟ୍ୟାଗ ହଟାଇ ନିଜକୁ ସ୍ୱାଧୀନ ବିଧାୟକ ବୋଲି କହିଛନ୍ତି ପ୍ରଦୀପ ପାଣିଗ୍ରାହୀ । ପୂର୍ବରୁ ବିଜେଡିରେ ଅଛି ବୋଲି ଦୃଢ ସ୍ୱରରେ କହୁଥିବା ପ୍ରଦୀପ ପାଣିଗ୍ରାହୀ ଏଥର କିନ୍ତୁ ନିଜ ସ୍ୱର ବଦଳାଇ ମୁଁ ସ୍ୱାଧୀନ ବିଧାୟକ ବୋଲି କହିଛନ୍ତି । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ସ୍ୱାଧୀନ ବିଧାୟକଙ୍କ ସହ କଥା ହେଉଥିବା ବେଳେ ମୋ' ସହ କେହି କିଛି ଯୋଗାଯୋଗ କରି ନାହାନ୍ତି । ବିବେକ ଅନୁସାରେ ଦ୍ରୌପଦୀଙ୍କୁ ହିଁ ଭୋଟ ଦେବି । ଅନ୍ୟମାନଙ୍କୁ ବି ଏଥିପାଇଁ ଅପିଲ କରିବା ସହ ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ସମର୍ଥନ କରିବା ଦରକାର ବୋଲି କହିଛନ୍ତି । ତାଙ୍କ ବିରୋଧରେ ଯେପରି ଓଡ଼ିଶାର କୌଣସି ଭୋଟ ନଯିବ, ତାହା ଚେଷ୍ଟା କରିବା ଦରକାର ବୋଲି ବିଧାୟକ ପାଣିଗ୍ରାହୀ କହିଛନ୍ତି ।



# ଜିଲା ଆଇନଜୀବୀ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ସ୍ମାରକପତ୍ର

**ନବରଙ୍ଗପୁର (ଏନ୍.ଏମ୍.):** ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଡଃ କୋମଳ ଲୋଚନ ମିଶ୍ରଙ୍କୁ ଜିଲା ଆଇନଜୀବୀ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘ ତରଫରୁ ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମ ପ୍ରସାଦ ପାତ୍ର, ଉପ-ସଭାପତି ବିଧୁ ଶେଖର ତ୍ରିପାଠୀ, ଅତିରିକ୍ତ ସରକାରୀ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇନଜୀବୀ ପ୍ରଦୀପ କୁମାର ସାହୁ, ସରୋଜ ବେହେରା, କିଶୋର କୁମାର ପଟ୍ଟନାୟକ, ଶ୍ରୀନିବାସ ପାତ୍ର ସାକ୍ଷାତ କରି ଜିଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳଙ୍କ ସହ ଦୀର୍ଘ ସମୟ ଆଲୋଚନା କରି ଏଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରାଯାଇଛି । ନବରଙ୍ଗପୁର ତହସିଲ ଓ ଜିଲାର ସମସ୍ତ ତହସିଲଗୁଡିକରେ ଜନସାଧାରଣଙ୍କ ସର୍ବନିମ୍ନ ସେବା ଯୋଗାଇବାରେ ଅବହେଳା ପ୍ରଦର୍ଶନ କରୁଥିବା ଦେଖାଯାଉଛି । ସେଟେଲମେଣ୍ଟ ରିଭିଜନ ମାମଲାଗୁଡ଼ିକରେ ଜିଲାପାଳଙ୍କ ନିର୍ଦ୍ଦେଶନାମା ସତ୍ତ୍ୱେ ତହସିଲଗୁଡିକ ଏହା କାର୍ଯ୍ୟକାରୀ କରୁନାହାନ୍ତି । ଏଥିପାଇଁ ଜନ ସାଧାରଣ ଘର ତିଆରି କରି ପାରୁନାହାଁନ୍ତି, ନିଜ ଜମି ବିକ୍ରି କରି ପାରୁନାହାନ୍ତି, କୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନଥିବା ଯୋଗୁଁ ଅନେକ ଆର୍ଥିକ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ତହସିଲ, ଉପଜିଲାପାଳ, ଅତିରିକ୍ତ ଉପଜିଲାପାଳ, ରେଭିନ୍ୟୁ କୋର୍ଟରେ ବିଭିନ୍ନ ଦଲିଲର ପ୍ରମାଣିତ ନକଲ ଦେବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି । ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର, ଆୟ ପ୍ରମାଣପତ୍ର ଓ ବିବିଧ ପ୍ରମାଣ ପତ୍ର ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି । ଦୀର୍ଘ ପାଞ୍ଚ ବର୍ଷରୁ ଅଧିକ ହେବ ଅତିରିକ୍ତ ଜିଲାପାଳ ଓ ରେଭିନ୍ୟୁ ଅଫିସରଙ୍କ କୋର୍ଟ କାର୍ଯ୍ୟ କରୁନାହିଁ । ଓଡିଶା ସରକାର ଜିଲାର ଗରିବ ଓ ନୀରିହ ଜନ ସାଧାରଣଙ୍କ ପାଇଁ ଗତ ୨୦୧୬ ମସିହାରୁ ପ୍ରତି ପଞ୍ଚାୟତରେ 'ମଧୁସୂଦନ ଆଇନ ସହାୟତା କେନ୍ଦ୍ର' ଆରମ୍ଭ କରିବାକୁ ଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ କରୁନଥିବା ଅଭିଯୋଗ ଏହି ସ୍ମାରକପତ୍ର ମାଧ୍ୟମରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା । ଏହା କାର୍ଯ୍ୟକାରୀ ହେଲେ ଜନସାଧାରଣ ବିନା ମୂଲ୍ୟରେ ଆଇନ ସହାୟତା ପାଇବେ । ଜିଲାର ଅତିରିକ୍ତ ସବ୍ କଲେକ୍ଟର, ତେନ୍ତୁଳିଖୁଣ୍ଟି ଅତିରିକ୍ତ ତହସିଲଦାର ଆଇନଜୀବୀମାନଙ୍କୁ ଉଚିତ୍ ବ୍ୟବହାର କରୁନଥିବା ଓ ବିଭିନ୍ନ କାର୍ଯ୍ୟାଳୟର କେତେକ କର୍ମଚାରୀ ଆଇନଜୀବୀ ଓ ଜନ ସାଧାରଣଙ୍କୁ ଠିକ୍ ବ୍ୟବହାର କରୁନଥିବା ଅଭିଯୋଗ ଜିଲାପାଳଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା । ସେହିଭଳି ନବରଙ୍ଗପୁର ଜିଲା ସଦରମହକୁମା ଡାକ୍ତରଖାନା ଓ ଅନ୍ୟ ସମସ୍ତ ଡାକ୍ତରଖାନାଗୁଡ଼ିକରେ ଡାକ୍ତର ନଥିବା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଜିଲ୍ଲାରେ ଅହେତୁକ ବିଦ୍ୟୁତ୍ କାଟ ସମ୍ବନ୍ଧରେ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଲିଖିତ ଭାବେ ଅନୁରୋଧ କରାଯାଇଛି । ନବରଙ୍ଗପୁର ହସ୍ପିଟାଲ ରାସ୍ତାର ଅନ୍ୟ ଅଞ୍ଚଳର ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ନଥିବାରୁ ଏହାର ପ୍ରତିକାର ଓ ରକ୍ଷଣାବେକ୍ଷଣ ପାଇଁ ଅନୁରୋଧ କରାଯାଇଛି । ଦୀର୍ଘ ଏକ ଘଣ୍ଟା ସଂଘ ପ୍ରତିନିଧିଙ୍କ ସହ ଜିଲ୍ଲା ପାଳ ଦୀର୍ଘ ଏକ ଘଣ୍ଟା ଆଲୋଚନା କରିଥିଲେ ଓ ଏସବୁର ପ୍ରତିକାର, ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ । ଜିଲ୍ଲାସ୍ତରୀୟ ରେଭେନ୍ୟୁ ମିଟିଂରେ ଜିଲା ଆଇନଜୀବୀ ସଂଘର ପ୍ରତିନିଧି ନିୟମିତ ଭାବେ ଯୋଗଦେଇ ଜିଲାର ଆଇନଜୀବୀ ଓ ଜନସାଧାରଣଙ୍କ ଉପରୋକ୍ତ ସମସ୍ୟା ଉପସ୍ଥାପନ କରି ସେଗୁଡିକର ସମାଧାନ ପାଇଁ ଜିଲାପାଳ କହିଛନ୍ତି । ଏଭଳି କୌଣସି ସମସ୍ୟା ଥିଲେ ନବରଙ୍ଗପୁର ଜିଲ୍ଲାର ଜନସାଧାରଣ ଲିଖିତ ଭାବେ ଜିଲା ଆଇନଜୀବୀ ସଂଘକୁ ଅବଗତ କରିପାରିବେ ଓ ସେଗୁଡିକୁ ଜିଲାର ଉଚ୍ଚସ୍ତରୀୟ ବୈଠକରେ ଉପସ୍ଥାପିତ କରି ସମାଧାନ କରାଯିବ ବୋଲି ଆଇନଜୀବୀ ସଂଘ ତରଫରୁ କୁହାଯାଇଛି ।



# ଇପିଏଫ୍ ପେନସନ୍ ସଂଘର ରାଜ୍ୟ କମିଟି ବୈଠକ

## କେନ୍ଦ୍ର ସରାକାରଙ୍କ ଅବହେଳା ବିରୋଧରେ ଆନ୍ଦୋଳନ ନିଷ୍ପତ୍ତି

**କଟକ(ଏନ୍.ଏମ୍.):** ଅଲ୍ ଓଡିଶା ଇପିଏଫ୍ ପେନସନରସ୍ ଆସୋସିଏସନ୍ ର ରାଜ୍ୟ କମିଟି ବୈଠକ ଖାନନଗର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଇପିଏଫ୍ ପେନସନ୍ ଭୋଗୀ ବରିଷ୍ଠ ନାଗରିକମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ କ୍ରମାଗତ ଅବହେଳା ପ୍ରତିବାଦରେ ରାଜ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ ଗତ ଜୁନ୍ ମାସରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଓଡ଼ିଶାର ୩୦ଜିଲ୍ଲାରୁ ୩୦ହଜାରରୁ ଉର୍ଦ୍ଧ ହାତଲେଖା ପୋଷ୍ଟକାର୍ଡ ପଠାଯାଇଥିବାରୁ ରାଜ୍ୟ କମିଟି ତରଫରୁ ସମସ୍ତ ଜିଲ୍ଲା କମିଟି କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ୍ ଦିଆଯାଇଥିଲା । ସର୍ବନିମ୍ନ ମାସିକ ପେନସନ୍ ୯ହଜାର ଟଙ୍କା ସହ ମହଙ୍ଗାଭତ୍ତା ଦେବା,ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ୍ ପ୍ରଦାନ ଏବଂ ସମସ୍ତ ଇପିଏଫ୍ ପେନସନ ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରିବା ଲାଗି ଏହି ପୋଷ୍ଟକାର୍ଡ ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ରଖାଯାଇଛି । ଏହି ଦାବିଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ଇପିଏଫ୍ ପେନସନ୍ ଭୋଗୀମାନେ ଆନ୍ଦୋଳନ ଲାଗି ରାଜରାସ୍ତାକୁ ଓହ୍ଲାଇବେ ବୋଲି ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି । ପ୍ରସ୍ତାବିତ ଆନ୍ଦୋଳନର ରୂପରେଖ ସ୍ଥିର କରିବା ଲାଗି ଚଳିତ ମାସ ୩୧ତାରିଖ ଦିନ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଏକ ରାଜ୍ୟ କନଭେନସନ୍ ଅନୁଷ୍ଠିତ ହେବ । ଏହି କନଭେନସନ୍ ରେ ୩୦ଟି ଜିଲ୍ଲାର ପ୍ରତିନିଧିଙ୍କ ସମେତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସଭାପତି ବିଜୟ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, ସର୍ବ ଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ୩୨ ଜଣ ରାଜ୍ୟ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କର୍ମଚାରୀ ନେତା ସ୍ୱର୍ଗତ ଗୌରାଙ୍ଗ ଚରଣ ଖିଲାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୈଠକରେ ନିରବ ପ୍ରାର୍ଥନା କରାଯାଇଥିଲା ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ବାରାଣସୀ ଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା...

ମାର୍ଗଦର୍ଶନ ଦେଇଛନ୍ତି । ଆଜିର ସମାଗମରେ ପ୍ରଧାନମନ୍ତ୍ରୀଙ୍କ ଗରିମାମୟ ଉପସ୍ଥିତି ସମସ୍ତଙ୍କ ମଧ୍ୟରେ ନୂଆ ଉର୍ଜା ଓ ପ୍ରେରଣା ଦେଇଛି । ବିଗତ ଦିନ ମାନଙ୍କରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ମୁଖ୍ୟ ସଚିବମାନେ ସାରା ଦେଶରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନକୁ ଗତି ଦେବା ଦିଗର ବିଚାରବିମର୍ଷ କରିଥିଲେ । ଏହି ବିଚାରବିମର୍ଷକୁ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉପରକୁ ନେବ । ତିନିଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମୟର ଆବଶ୍ୟକତା ଅନୁସାରେ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ଓ ଦକ୍ଷତା ପ୍ରଦାନ କରାଯିବା ବିଷୟରେ ଚର୍ଚ୍ଚା ହେବା ଦରକାର । ସେହିପରି ଆମର ପାଠ୍ୟକ୍ରମ ଯୁବବର୍ଗଙ୍କ ଆକାଂକ୍ଷାର ଅନୁରୂପ କି ? ନିଜର କରିକୁଲମ କୋର୍ସ ଓ ଉଚ୍ଚ ଶିକ୍ଷା, କୌଶଳ ତଥା ଅନୁସନ୍ଧାନ ପ୍ରତି ଦୃଷ୍ଟିକୋଣରେ ପରିବର୍ତନର ଆବଶ୍ୟକତା ଅଛି କି ? ଜାତୀୟ ଶିକ୍ଷା ନୀତି କଠୋର ସ୍ଥିତିକୁ ସାମ୍ନା କରିବା ତଥା ପ୍ରଗତିଶୀଳ ମାନସିକତା କିମ୍ବା ରାଷ୍ଟ୍ରର ପରିବର୍ତନ ହେବାର ବାର୍ତା କଣ ହେବା ଉଚିତ୍, ସେ ଉପରେ ଆଲୋଚନା ହେବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତ୍ୟବକ୍ତ କରିଛନ୍ତି ।
ଏହି କାର୍ଯ୍ୟକ୍ରମରେ ଉତରପ୍ରଦେଶର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଡା. ସୁବାଷ ସରକାର, ଡା.ରାଜକୁମାର ରଞ୍ଜନ ସିଂହ, ରାଜ୍ୟ ଶିକ୍ଷା ମନ୍ତ୍ରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର କୁଳପତି, ଶିକ୍ଷାବିତ୍ ଏବଂ ଅନେକ ଷ୍ଟେକହୋଲଡର ଉପସ୍ଥିତ ଥିଲେ ।

## ପିଟି ଉଷା, ଇଲିଆ ରାଜା...

ଏଥିପାଇଁ ମନୋନୀତ କରାଯାଇଥାଏ । ରାଷ୍ଟ୍ରପତି ମୋଟ ୧୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜ୍ୟସଭାକୁ ପଠାଇଥାନ୍ତି । ସମ୍ପ୍ରତି ୭ଟି ସ୍ଥାନ ଶୂନ୍ୟ ରହିଛି । ଆଇନଜ୍ଞ ମହେଶ ଜେଠମାଲାନୀ, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗାନା ସୋନାଲ ମାନସିଂହ, ସମାଜସେବୀ ରାମସକଲ, ସାହିତ୍ୟିକ ଓ ସାମ୍ବାଦିକ ରାକେଶ ସିହ୍ନା ଓ ଆଇନ ବିଶାରଦ ଭାବେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ରଞ୍ଜନ ଗୋଗଇ ସମ୍ପ୍ରତି ରାଜ୍ୟସଭାର ମନୋନୀତ ସଦସ୍ୟ ଅଛନ୍ତି । ପ୍ରଥମ ୪ ଜଣଙ୍କ କାର୍ଯ୍ୟକାଳ ୨୦୨୪ରେ ଶେଷ ହେଉଥିବା ବେଳେ ଗୋଗଇ ୨୦୨୬ରେ ଅବସର ନେବେ ।

## ମାଗିବା ପୂର୍ବରୁ ରାକ୍ଷୀର ପାଉଣା ...

କଥା ଜାଣି ଭାଇ (ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ) ତାଙ୍କୁ ସମର୍ଥନ ଦେଇଛନ୍ତି । ଶ୍ରୀମତୀ ମୁର୍ମୁଙ୍କ ପାଇଁ ଓଡ଼ିଶା ମାଟି ଗର୍ବିତ । ତେବେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶ୍ରୀମତୀ ମୁର୍ମୁଙ୍କୁ ଭୋଟ ଦେବାକୁ ଆହ୍ୱାନ ଦେବା ସହ ଯେପରି ଖଣ୍ଡିଏ ଭୋଟ୍ ନାକଚ ନ ହୁଏ, ସେଥିପାଇଁ ଯତ୍ନବାନ ହେବାକ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ଶ୍ରୀମତୀ ମୁର୍ମୁ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟାନ୍ନ ଭୋଜନରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ ।

## ମାଟ୍ରିକ ପାସ୍ ହାର ୯୦.୫୫% ...

ଉପସ୍ଥିତ ରହି ପରୀକ୍ଷା ଫଳପୁସ୍ତିକା ଉନ୍ମୋଚନ କରିଥିଲେ । ଏହି ଅବସରରେ ବୋର୍ଡ ସଭାପତି ରାମାଶିଷ ହାଜରା,ଉପସଭାପତି ନିହାର ରଞ୍ଜନ ମହାନ୍ତି ସମ୍ପାଦକ ଶ୍ରୀକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁକ୍ତ ବିଦ୍ୟାଳୟ ପାସ ହାର ୭୯.୭୮%

ରାଜ୍ୟ ମୁକ୍ତ ବିଦ୍ୟାଳୟର ମାଟ୍ରିକ ଫଳ ଆଜି ପ୍ରକାଶ ପାଇଛି । ଚଳିତ ବର୍ଷର ପାସ୍ ହାର ରହିଛି ୭୯.୭୮% । ଏଥର ୭୪୭୫ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏ-୧ଗ୍ରେଡ୍‌ରେ କେହି ପାସ୍ କରିନଥିଲା ବେଳେ ଏ-୨ରେ ୬୯,ବି-୧ରେ ୬୧୫, ବି-୨ରେ ୧୧୭୦, ସି -ଗ୍ରେଡ୍‌ରେ ୧୭୩୬, ଡି-ରେ ୧୭୫୮,ଇ-ରେ ୨୧୨୭ ଏବଂ ଏଫ୍ ଗ୍ରେଡ୍‌ରେ ୬୯୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥର ୯୩୭୦ ଜଣ ଛାତ୍ରଛାତ୍ରୀ ଫର୍ମଫିଲପ କରିଥିବା ବେଳେ ପରୀକ୍ଷାରେ ଅନୁପସ୍ଥିତ ଥିଲେ ୧୧୨୪ ଜଣ । ତେବେ୬୦ ଜଣ ଛାତ୍ରଛାତ୍ରୀ ସମସ୍ତ ବିଷୟରେ ପରୀକ୍ଷା ଦେଇପାରିନଥିଲା ବେଳେ୧୨ ଜଣ ଛାତ୍ରଛାତ୍ର କପି କରି ଧରାପଡ଼ିଥିବା ଜଣାପଡ଼ିଛି ।

### ମଧ୍ୟମା ପାସହାର ୮୦.୦୬%

ଚଳିତବର୍ଷ ମଧ୍ୟମା ପରୀକ୍ଷାରେ ୮୦.୦୬ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ୪୪୪୩ଜଣ ଫର୍ମ ଫିଲପ କରିଥିବା ବେଳେ ୩୫୫୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏ-୧ଗ୍ରେଡ୍‌ରେ ଜଣେ ପାସ୍ କରିଥିବା ବେଳେ ଏ-୨ରେ ୧୦୦୪,ବି-୧ରେ ୧୩୩୩, ବି-୨ରେ ୭୮୪, ସି -ଗ୍ରେଡ୍‌ରେ ୪୧୨, ଡି-ରେ୧୯,ଇ- ରେ ୪ ଏବଂ ଏଫ୍ ଗ୍ରେଡ୍‌ରେ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପରୀକ୍ଷାରେ ୮୮୦ ଜଣ ଅନୁପସ୍ଥିତ ଥିଲା ବେଳେ କପିକରି ଜଣେ ଧରାପଡିଛନ୍ତି ।

## ବିସ୍ତାରା ଯାତ୍ରୀବାହୀ ବିମାନର ...

ଦେଇଥିଲା । ଏହାପରେ ବିମାନଟିକୁ ପାର୍କିଂ ୱେରେ ଲ୍ୟାଣ୍ଡିଂ କରାଯାଇଥିଲା । ତେବେ ଏଥିରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ତେବେ ବିମାନରେ ଏଭଳି ଯାନ୍ତ୍ରିକ ତ୍ରୁଟି ଦେଖାଦେବା ମାମଲା ପ୍ରଥମ ନୁହେଁ । ଏହାପୂର୍ବରୁ ଆଜି ସ୍ପାଇସଜେଟ୍ କାର୍ଗୋ ବିମାନରେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଫଳରେ ଚୀନ୍କୁ ଉଡାଣ ଭରିଥିବା ବିମାନଟି କୋଲକାତା ଫେରି ଆସିଥିଲା । ସ୍ପାଇସଜେଟ୍ ବିମାନରେ ଲଗାତାର ଏଭଳି ତ୍ରୁଟି ଖବର ଆସିବା ପରେ ଆକ୍ସନକୁ ଆସିଛି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ । ସ୍ପାଇସଜେଟକୁ କାରଣ ଦର୍ଶାଅ ନୋଟିସ ଜାରି କରି ମନ୍ତ୍ରଣାଳୟ ଜବାବ ମାଗିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ୧୮ ଦିନରେ ସ୍ପାଇସଜେଟର ବିମାନରେ ୮ଟି ଯାନ୍ତ୍ରିକ ତ୍ରୁଟି ଘଟଣା ପରେ ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ୨୦୨୧ ସେପ୍ଟେମ୍ବରରେ ସ୍ପାଇସଜେଟର ଅଡିଟ୍ ସମୟରେ ଅନେକ ତ୍ରୁଟି ଧରିଥିଲା ଡିଜିସିଏ । ଯନ୍ତ୍ରାଂଶ ଯୋଗାଉଥିବା ସଂସ୍ଥା ଗୁଡିକୁ ନିୟମିତ ଭାବେ ଟଙ୍କା ପୈଠ କରୁ ନଥିବା ଅଡିଟ୍ରୁ ଜଣାପଡିଥିଲା । ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ଦିଲ୍ଲୀ-ଦୁବାଇ ଉଡାଣ ବେଳେ ଫ୍ୟୁଲ ଇଣ୍ଡିକେଟରରେ ତ୍ରୁଟି ଜଣାପଡିବା ପରେ ବିମାନକୁ ପାକିସ୍ତାନର କରାଚୀରେ ଜରୁରୀ ଅବତରଣ କରାଯାଇଥିଲା । ଅନ୍ୟପଟେ ସେହିଦିନ ହିଁ, ଆକାଶରେ ବିମାନର ୱିଣ୍ଡ ସିଲ୍ଡରେ ତ୍ରୁଟି ଯୋଗୁଁ କାଣ୍ଡଲା-ମୁମ୍ବାଇ ଉଡାଣକୁ ମହାରାଷ୍ଟ୍ରର ରାଜଧାନୀରେ ଜରୁରୀ ଅବତରଣ କରାଯାଇଥିଲା । ମଙ୍ଗଳବାର ଏହି ଦୁଇ ଘଟଣା ସାମନାକୁ ଆସିବା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରାଯାଉଛି ।

# ମାଟ୍ରିକ ପରୀକ୍ଷା : ଆରମ୍ଭ ହେଲା ଉତ୍ତର ଖାତା ଯାଞ୍ଚ ପ୍ରକ୍ରିୟା ଆବେଦନ

# ୨୫ ତାରିଖ ପର୍ଯ୍ୟନ୍ତ ଅନଲାଇନ ଦାଖଲ କରିବେ ଛାତ୍ରଛାତ୍ରୀ




**କଟକ(ଏନ୍.ଏମ୍.) :** ଆସନ୍ତା ସୋମବାର ଠାରୁ ମାଟ୍ରିକ ପରୀକ୍ଷାର ଉତ୍ତର ଖାତା ଯାଞ୍ଚ ଲାଗି ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏହି ଯାଞ୍ଚ ପ୍ରକ୍ରିୟା ଆସନ୍ତା ୨୫ ତାରିଖ ମଧ୍ୟରେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ ଛାତ୍ରଛାତ୍ରୀ ।

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରଛାତୀ ପୁନଃଯାଞ୍ଚ ନିମନ୍ତେ ଆବେଦନ କରିବେ । ତେବେ ପ୍ରତ୍ୟେକଟି ବିଷୟ ପ୍ରତି ୧୦୦ ଟଙ୍କା ଲେଖାଏଁ ଆବେଦନ ଫି ବୋର୍ଡ ପକ୍ଷରୁ ଧାର୍ଯ୍ୟ କରାଯାଇଛି । ଛାତ୍ରଛାତ୍ରୀ ମାନେ ଉଭୟ ସବଜେକ୍ଟିଭ ଏବଂ ଅବଜେକ୍ଟିଭ ପେପର ଯାଞ୍ଚ ଲାଗି ପୃଥକ ଭାବେ ଫି ଦେବାକୁ ପଡିବ ବୋଲି ସ୍ପଷ୍ଟ କରାଯାଇଛି । ଯଦି ଉତ୍ତରଖାତାର ନକଲ (ଫଟୋକପି) ଛାତ୍ରଛାତ୍ରୀ ନେବାକୁ ଚାହୁଁଥିବେ ତେବେ ୨୦୦ ଟଙ୍କା ଫି ଦାଖଲ କରିବାକୁ ପଡିବ । ଆବେଦନ ପ୍ରକ୍ରିୟାର ସବିଶେଷ ତଥ୍ୟ ବୋର୍ଡ ୱେବସାଇଟରେ ଦିଆଯାଇଥିବା ସମ୍ପାଦକ ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ମାଟ୍ରିକ ପରୀକ୍ଷା ଉତ୍ତରଖାତା ଯାଞ୍ଚ ଲାଗି ଛାତ୍ରଛାତ୍ରୀଙ୍କୁ ପ୍ରଥମେ ପଞ୍ଜିକରଣ କରିବାକୁ ହେବ । ଯଦି ସେମାନେ ପୂର୍ବରୁ ପଞ୍ଜିକୃତ ହୋଇଥିବେ ତାହେଲେ ନିଜର ପରୀକ୍ଷା ରୋଲ ନମ୍ବର ଏବଂ ପାସୱାର୍ଡ ଲଗ ଇନ କରି ଆପ୍ଲିକେସନ ଫର୍ମ ପୂରଣ କରିବେ । ଆବେଦନ ଫର୍ମରେ ନିଜର ପରୀକ୍ଷା ରୋଲ ନମ୍ବର , ମାଆଙ୍କ ନାମ, ମୋବାଇଲ ନମ୍ବର ଦାଖଲ କରିବେ । ଏହାପରେ ଉକ୍ତ ମୋବାଇଲ ନମ୍ବରକୁ ଯାଇଥିବା ଏକ ଭେରିଫିକେସନ କୋର୍ଡକୁ ଦେବା ପରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ସମସ୍ତ ତଥ୍ୟ ବୋର୍ଡ ୱେବସାଇଟରେ ପ୍ରଦର୍ଶିତ ହେବ । ଛାତ୍ରଛାତ୍ରୀମାନେ ଉକ୍ତ ପେଜରେ ଯେଉଁ ବିଷୟରେ ପୁନଃ ଯାଞ୍ଚ କରିବାକୁ ଚାହୁଁଥିବେ ତାହା ଚୟନ କରିବେ । ତଦନୁଯାୟୀ ତାଙ୍କୁ ଅନଲାଇନ ମାଧ୍ୟମରେ ଫି ପୈଠ କରିବାକୁ ପଡିବ । ଫି ଦେବାପରେ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବୋର୍ଡ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ସୂଚନା ଥାଉକି, ଗତ ୬ ତାରିଖରେ ମାଟ୍ରିକ ଫଳ ପ୍ରକାଶ କରାଯାଇଥିଲା । ଯେଉଁମାନେ ପରୀକ୍ଷାଫଳରେ ଅସନ୍ତୁଷ୍ଟ ଥିବେ ତେବେ ସେମାନେ ନମ୍ବର ଯାଞ୍ଚ ଲାଗି ଆବେଦନ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା । ଚଳିତବର୍ଷର ମାଟ୍ରିକ ପାସ ହାର ୯୦.୫ ପ୍ରତିଶତ ରହିଥିଲା । ୫ଲକ୍ଷ ୨୬ହଜାର ୮୧୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଲକ୍ଷ ୫୬ହଜାର ୮୭୭ ଛାତ୍ର ଓ ୨ଲକ୍ଷ ୬୦ହଜାର ୯୭୦ଜଣ ଛାତ୍ରୀଙ୍କୁ ମିଶାଇ ମୋଟ ୫ଲକ୍ଷ ୧୭ହଜାର ୮୪୭ଜଣ କୃତକାର୍ଯ୍ୟ ହୋଇଥିଲେ । ପ୍ରଥମ ଥର ଲାଗି ଗ୍ରେଡ-ଏରେ ସର୍ବାଧିକ ପାସ କରିଥିଲେ । ଛାତ୍ରଙ୍କ ତୁଳନାରେ ଛାତ୍ରୀ ମାନେ ବାଜି ମାତ କରିଥିଲେ ।

# ଜାଇକାର ବେପରୁଆ କାର୍ଯ୍ୟ ଯୋଗୁଁ ବିପଦଜ୍ଜନକ ଅବସ୍ଥାରେ ସହରବାସୀ

**କଟକ(ଏନ୍.ଏମ୍.) :** କଟକ ସହରରେ ଦିନକୁ ଦିନ ଜାଇକା ଯନ୍ତ୍ରଣା ସହରବାସୀଙ୍କ ଅତିଷ୍ଠ କରିପକାଇଲାଣି । ଜାଇକା ପ୍ରକଳ୍ପ ସମୟରେ କର୍ତ୍ତୃପକ୍ଷଙ୍କ ବେପରୁଆ ନୀତି ଯୋଗୁଁ ରାସ୍ତାଘାଟ ମରଣ ଯନ୍ତା ପାଲଟିଥିବାବେଳେ ବର୍ଜ୍ୟଜଳ ନିଷ୍କାସନରେ ବାଧକ ସାଜୁଛି । କେବଳ ସେତିକି ନୁହେଁ ମନମୁଖୀ କାର୍ଯ୍ୟ ଯୋଗୁଁ କିଛି ଅଞ୍ଚଳରେ ଘର ଭୁଶୁଡ଼ି ପଡ଼ିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ତେବେ ଏ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଥିବା ଦେଖିବାକୁ ମିଳିଛି । ଏପରିକି କଟକ କଲ୍ୟାଣୀ ନଗର ଅଞ୍ଚଳକୁ ଯିବା ପାଇଁ ଅଞ୍ଚଳବାସୀ ନାହିଁନଥିବା ହଇରାଣ ହେଉଛନ୍ତି । ଦୀର୍ଘ ଦିନ ଧରି ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନଥିବା ଯୋଗୁଁ ଲୋକେ ଅନ୍ୟ ବାଟ ଦେଇ ବୁଲି ବୁଲି ଯିବାକୁ ପଡୁଛି । ମାତ୍ର ସେହି ରାସ୍ତା ମଧ୍ୟ ଖାଲଢିପରେ ପରିପୂର୍ଣ୍ଣ ହେବା ସହ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ



ଛତ୍ରବଜାର ରାସ୍ତା ବନ୍ଦ ହେତୁ କେନାଲ ରୋଡ ଦେଇ ଲୋକେ ମଧୁପାଟଣା, କଲ୍ୟାଣୀନଗର, ଓଏମପି, ନୂଆବଜାର ଆଦି ଅଞ୍ଚଳକୁ ସ୍କୁଲବସ, ଆମ୍ବୁଲାନ୍ସ ସହିତ ବାଇକ, ଅଟୋ ଆଦି ଯାତାୟତ କରୁଛି । ତେବେ ଏହି ରାସ୍ତାରେ ପୋଖରୀ ଭଳି ଖାଲ ହୋଇଯାଇଥିବାବେଳେ ବର୍ଷା ପାଣି ଜମାହୋଇ ଉକ୍ତ ଗର୍ତ୍ତ ଆକଳନ କରିହେଉନାହିଁ । ଫଳରେ ବହୁ ବାଇକ ଆରୋହୀ ଖାଲରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖିବାକୁ ମିଳିଛି । ତେବେ ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନିକସ୍ତରରେ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ । ସେହିଭଳି ଗତ ୨ଦିନ ତଳେ ଜାଇକାର ବେପରୁଆ କାର୍ଯ୍ୟ ଯୋଗୁଁ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନିଳାଦ୍ରୀବିହାରରେ ୪ଜଣଙ୍କ ଘର କାନ୍ଥ ଭାଙ୍ଗିଯାଇଥିଲା । ଏହାକୁ ନେଇ ଥାନାରେ ଏତଲା ହୋଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ସେଠାରେ ଦାୟିତ୍ୱରେ ଥିବା ସାଇଟ୍ ଇଞ୍ଜିନିୟର ଓ କାମ ନେଇଥିବା ଠିକାଦାରଙ୍କୁ ପଚରାଉଚୁରା କରାଯାଇଛି । ଅଭିଯୋଗ ଅନୁସାରେ ନିଳାଦ୍ରୀବିହାରରେ ଜାଇକା ପକ୍ଷରୁ ଗଲା ପ୍ରାୟ ୪ ବର୍ଷ ହେଲା ଜାଇକାର କାମ ଚାଲିଛି । ବଡ ବଡ ଗାତ ଖୋଳି ଚାମ୍ବର ତିଆରି କରାଯାଉଛି । ଏହି ସାହିରେ ବସବାସ କରୁଥିବା ପ୍ରାୟ ୪ ଶହରୁ ଅଧିକ ପରିବାର ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ସାଇଟ୍ ଇଞ୍ଜିନିୟର କାମ ସ୍ଥାନରେ ରହୁ ନାହାନ୍ତି କି ସିକ୍ୟୁରିଟି ଗାର୍ଡ ବି ରହୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଜାଇକାର ମନମୁଖୀ କାର୍ଯ୍ୟ ଯୋଗୁଁ ଡାକ୍ତର ଦେବେନ୍ଦ୍ର କୁମାର ଦାସ, ରଶ୍ମିରଞ୍ଜନ ସାହୁ ଓ ଅନ୍ୟ ଦୁଇଜଣଙ୍କ ଘର ଭାଙ୍ଗି ଥିବା ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ । ସେମାନଙ୍କର ପାଚେରି ଭୁଶୁଡ଼ି ପଡିଥିବା ବେଳେ କାନ୍ଥରେ ଫାଟ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଜାଇକା ମୁଖ୍ୟଯନ୍ତ୍ରୀ ଙ୍କ ରବୀନ୍ଦ୍ର ନାରାୟଣ ମଲ୍ଲିକଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ ହୋଇଥିଲେ ବି ତାଙ୍କର ପ୍ରତିକ୍ରିୟା ମିଳି ପାରି ନଥିଲା । ଲୋକଙ୍କ ଜୀବନ ଏଭଳି ବିପନ୍ନ କରି ଦେଇଥିବାରୁ ପୁଲିସ ସାଇଟ୍ ଇଞ୍ଜିନିୟର ଓ କାମ ନେଇଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜଗନ୍ନାଥଙ୍କ ପାଇଁ କାହିଁକି ପୋଡ଼ ପିଠା

**ପୁରୀ(ଏନ୍.ଏମ୍.) :** ଦାରୁ ରୂପୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଲୀଳା ବିଚିତ୍ର । ଦାରୁଦେବତାଙ୍କର ଅନେକ ଆଚରଣ ମଣିଷ ପରି । ଯେମିତି ନାନା ଦିନେ ନାନା ଖାଦ୍ୟ ସାମଗ୍ରୀ ଖାଇବାରେ ମଣିଷର ଆଗ୍ରହ , ସେହିପରି ପ୍ରଭୁ ଜଗନ୍ନାଥଙ୍କର ପୋଡପିଠା ଖାଇବାରେ ଆଗ୍ରହ । ସେଥିପାଇଁ ମାଉସୀ ମା'ଙ୍କର ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ପୋଡପିଠା ଭୋଗ ଲାଗେ । ଦାରୁ ମୂର୍ତ୍ତି ଚତୁଷ୍ଟୟ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ରଥରେ ଆସି ଶ୍ରୀମନ୍ଦିରରୁ ଆଡ଼ପ ମଣ୍ଡପକୁ ଯାତ୍ରା କରିଥାନ୍ତି । ବାହୁଡ଼ାଯାତ୍ରା ଦିନ ତିନୋଟି ବାହୁଡ଼ା ରଥ ଏହି ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ମନ୍ଦିର ତରଫରୁ ପୋଡ଼୍-ପିଠା ଭୋଗ ହୋଇଥାଏ । ପୁରାଣରୁ ଜଣାଯାଏ - ପ୍ରଭୁ ଶ୍ରୀରାମଚନ୍ଦ୍ର ବନବାସ ଯିବା ସମୟରେ କାକୀ ମା' କୈକେୟୀଙ୍କୁ କହିଥିଲେ- 'ତୁମର ମୋର ସମ୍ପର୍କ ଜନ୍ମଜନ୍ମାନ୍ତର ରହିବ । ତ୍ରେତୟା ଯୁଗ ଅବସାନ ପରେ ଆସିବ ଦ୍ୱାପର ଯୁଗ । ସେଥିରେ ମଧ୍ୟ ତୁମେ ଏକ ବଳିଷ୍ଠ ଭୂମିକାରେ ଅବତୀର୍ଣ୍ଣ ହେବ । ତୁମେ ହେବ ଯଶୋମତୀ,ଆଉ ମୁଁ ହେବି ନଟନାଗର ଲବଣୀଚୋର କାହ୍ନା । ତା'ପରେ ଆସିବ କଳିଯୁଗ- ସେଥିରେ ମୁଁ ହେବି ଓଁକାର ଦାରୁବ୍ରହ୍ମ ଜଗନ୍ନାଥ,ଆଉ ତୁମେ ହେବ ମୋ ମାଉସୀ ମାଆ । ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ତୁମେ ଅବସ୍ଥାପିତ ହେବ ।ଘୋଷଯାତ୍ରାଦିନ ବଡ଼ଦାଣ୍ଡରେ ମୋ ନନ୍ଦିଘୋଷ ରଥ ଗଡିଯିବାବେଳେ ତୁମ ହାତ ପ୍ରସ୍ତୁତ ପୋଡ଼ପିଠା ଖାଇବା ପାଇଁ ମୁଁ ଅଟକିଯିବି ।

ଆଉ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ,ବହୁବର୍ଷ ପୂର୍ବରୁ ପୁରୀ ବଡ଼ଦାଣ୍ଡଟି ମାଳିନୀ ନଦୀ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇଥିଲା । ସେତେବେଳେ ରଥଯାତ୍ରା ସମୟରେ ୬ଟି ରଥ ହେଉଥିଲା । ଶ୍ରୀମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତି ୩ଟି ରଥରେ ଆସି ନଦୀ ନିକଟରେ ଓହ୍ଲାଉଥିଲେ । ତାଙ୍କୁ ନଦୀ ପାର କରାଯାଇ ପୁନଶ୍ଚ ଆରପଟେ ଥିବା ୩ରଥରେ ବିଜେ କରାଯାଉଥିଲା । ଏହି ନବଦିନାତ୍ମକ ଯାତ୍ରା ମଧ୍ୟରୁ ରଥ ଅଦଳ ବଦଳରେ ୬/୭ଦିନ ଚାଲି ଯାଉଥିଲା । ଏହି ଅସୁବିଧା ଦେଖି ମହାପ୍ରଭୁଙ୍କ ମାଉସୀ ମାଳିନୀ ନଦୀକୁ ଶୋଷି ଦେଇଥିଲେ । ଯେଉଁଥିପାଇଁ ତାଙ୍କୁ କୁହାଯାଏ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶିନୀ । ଚତୁର୍ଦ୍ଧାମୂର୍ତ୍ତିଙ୍କ ଅସୁବିଧା ଦୂର ପାଇଁ ମାଉସୀ ନଦୀ ଜଳ ଶୋଷି ନେଇଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ କଥା ରକ୍ଷା କରି ବାହୁଡିବା ବେଳେ ମାଉସୀ ମା' ମନ୍ଦିରରେ ପୋଡପିଠା ଖାଇ ଯାଇଥାନ୍ତି ବୋଲି କିମ୍ବଦନ୍ତୀ ରହିଛି ।

ପୋଡପିଠାପ୍ରସ୍ତୁତି ଓ ଭୋଗ- ଏହି ପୋଡପିଠା ଛେନା,ଗହମଅଟା,ଭଲ ଘିଅ, ଚିନି,ବାଦାମ,ଖିସିମିସି, ଅଳେଇଚ, ଲବଙ୍ଗ ପ୍ରଭୃତି ବିଭିନ୍ନ ଦ୍ରବ୍ୟରେ ପ୍ରସ୍ତୁତ ହୁଏ ।ଇଟାରେ ତିଆରି ଚୁଲିରେ ଏକ ପାଣିହାଣ୍ଡି ବସାଯାଇ ଗରମ କରାଯାଏ । ଏ ସମସ୍ତ ଦ୍ରବ୍ୟକୁ ଏକତ୍ର କରି ଏକ ମାଟିତାଡରେ ରଖି ତାହା ଉପରେ ଢାଙ୍କୁଣି ଘୋଡ଼ାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ଯେହେତୁ ପୋଡ଼ା ଦ୍ରବ୍ୟ ଖାଆନ୍ତି ନାହିଁ ସେଥିଲାଗି ତାଡରେ ପୂର୍ବରୁ ଥିବା ପାଣିର ବାଷ୍ପରେ ଏହା ସମ୍ପୂର୍ଣ୍ଣ ଶିଝିଥାଏ । ଦୀର୍ଘ ୬ଘଣ୍ଟା ବାମ୍ପରେ ଶିଝି ସାରିଲା ପରେ ଏହାକୁ ଥଣ୍ଡା କରାଯାଇ ଖଣ୍ଡ ଖଣ୍ଡ କରି କଟାଯାଇ ଶୁଦ୍ଧ ଘିଅରେ ଛଣାଯାଏ ।ପରେ ଏହାକୁ ମାଟି ହାଣ୍ଡିରେ ରଖାଯାଇ ତିନି ରଥ ନିକଟକୁ ଭୋଗ ହେବାକୁ ଯାଏ । ବାହୁଡ଼ା ଦିନ ତିନି ରଥ ମାଉସୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ପୂଜାପଣ୍ଡା ସାମନ୍ତ ଆସି ମା'ଙ୍କ ପାଖରେ ଭୋଗ କରିବା ପରେ ରଥାରୂଢ଼ ଠାକୁରଙ୍କୁ ସମର୍ପଣ କରିଥାନ୍ତି । ଏହାକୁ 'ସର୍ପମଣୋହୀ ଭୋଗ' କୁହାଯାଇଥାଏ । ଏହାଦୀର୍ଘ ୧୫ ଦିନ ପର୍ଯ୍ୟନ୍ତ ସଜ ରହିଥାଏ । ବୌଦ୍ଧିକ ଚେତନାର ସୂଚୀପତ୍ର ଓ ପ୍ରତିଷ୍ଠିତ ପ୍ରାଚୀନ ଦେବଦେବୀଙ୍କୁ କେନ୍ଦ୍ରକରି ପୁରାଣ ଓ ଇତିହାସ ପ୍ରସିଦ୍ଧ ।ଏ ବିଷୟରେ ସୁଚିନ୍ତିତ ଗବେଷଣା ହେଲେ ବହୁ ଲୁପ୍ତ ତଥ୍ୟ ଲୋକଲୋଚନକୁ ଆସିବ, ଏଥିରେ ତିଳହେଲେ ସନ୍ଦେହ ନାହିଁ ।

# ସିଏମସି ୪୮ନମ୍ବର ୱାର୍ଡରେ ଡିଲରଙ୍କ ମନମୁଖି କାର୍ଯ୍ୟକୁ ନେଇ ହିତାଧିକାରୀଙ୍କ କୁହୁଳୁଛି ଅସନ୍ତୋଷ

**କଟକ(ଏନ୍.ଏମ୍.) :** କଟକ ସହରରେ ହିତାଧିକାରୀଙ୍କୁ ଠିକ ସମୟରେ ରାସନ ସାମଗ୍ରୀ ଦିଆଯାଉନଥିବା ଅଭିଯୋଗ ହୋଇଛି । ଗୋଟିଏ ପଟେ ହିତାଧିକାରୀ ରାସନ ସାମଗ୍ରୀ ନପାଇ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଅନ୍ୟପକ୍ଷେ ଡିଲରମାନେ ମାଲ ଆସିନି ପରେ ନେବ ବୋଲି କଥାକୁ ହାଲୁକା ଭାବେ କାଟି ଦେଉଥିବା ଅଭିଯୋଗ ହୋଇଛି । ତେବେ ଏ ନେଇ ସିଏମସି ୪୮ ନମ୍ବର ୱାର୍ଡ ଅନ୍ତର୍ଗତ ଫକିରପୁରସ୍ଥିତ ସରକାରୀ ଖୁଚୁରା କେନ୍ଦ୍ରର ଡିଲରଙ୍କ ମନମୁଖି କାର୍ଯ୍ୟ ତଥା ଠିକ୍ ଭାବେ ରାସନ ସାମଗ୍ରୀ ଦେଉନଥିବା ହିତାଧିକାରୀ ଅଭିଯୋଗ କରିଥିଲେ । ଏ ନେଇ ସ୍ଥାନୀୟ କର୍ପୋରେଟର ନଳିନୀ ବେହେରାଙ୍କ ନିକଟରେ ହିତାଧିକାରୀ ଡିଲରଙ୍କ ଦୁର୍ବ୍ୟବହାର ଓ ଚାଉଳ ନାହିଁ ସରିଗଲାଣି ଆଜି କାଲି ଆସିବାକୁ କହିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା ଡିଲର ପ୍ରବୀର ପଣ୍ଡାଙ୍କ ନିକଟରେ ପହଁଞ୍ଚି ହିତାଧିକାରୀଙ୍କ ଅଭିଯୋଗ ବିଷୟରେ ଡିଲରଙ୍କୁ ଜଣାଇଥିଲେ । ସାଧାରଣ ଖାଉଟିମାନଙ୍କୁ କାହିଁକି ୮ମାସରୁ ଉର୍ଦ୍ଧ ସମୟ ଧରି ଚାଉଳ, ଗହମ ଓ କିରୋସିନ ଦିଆଯାଉ ନାହିଁ । ଏ ପରିକି ଆଜି ଆସ କାଲି ଆସ, ସରିଯାଇଛି ୨ଦିନ ପରେ ଆସିବ, ଟିପ ମେସିନ କାମ କରୁନାହିଁ ଏଭଳି କହି ସାଧାରଣ ଖାଉଟିମାନଙ୍କୁ କାହିଁକି ହଇରାଣ କରାଯାଉଥିବା ଜଣାପଡ଼ିଛି । ତେବେ ପ୍ରକୃତ ହିତାଧିକାରୀଙ୍କୁ ରାସନ କାର୍ଡ ମିଳିପାରୁନଥିବାବେଳେ ଯେଉଁମାନଙ୍କର ୨ ମହଲା ଘର, ୪ ଚକିଆ ଗାଡି ଓ ଯେଉଁ ଘରେ ସରକାରୀ ଚାକିରିଆ ସେମାନଙ୍କ ଘରେ ରାସନ କାର୍ଡରେ ଚାଉଳ, ଗହମ ଓ କିରୋସିନ ଆଦି ରାସନ ସାମଗ୍ରୀ ମିଳୁଛି । ତେଣୁ ପ୍ରଥମେ ସେମାନଙ୍କର ରାସନ କାର୍ଡ ଯାଞ୍ଚ କରାଯାଇ ସେହି ସବୁ କାର୍ଡକୁ ତୁରନ୍ତ ରଦ୍ଦ କରି ସେମାନଙ୍କ ବଦଳରେ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ଦିଆଯିବାକୁ ଶ୍ରୀ ବେହେରା କହିଛନ୍ତି । ଅନ୍ୟପକ୍ଷରେ ଡିଲର ଶ୍ରୀ ପଣ୍ଡାଙ୍କ ଉପରେ ହିତାଧିକାରୀ ଅସନ୍ତୁଷ୍ଟ ଥିବାବେଳେ ତାଙ୍କୁ ତୁରନ୍ତ ପରିବର୍ତ୍ତନ କରିବା ପାଇଁ ଦାବି ହୋଇଛି ।

# ସେକ୍ସନ ଅଫିସରଙ୍କ ପୁନଃ ଅବସ୍ଥାପିତ ଆଦେଶକୁ ସ୍ୱାଗତ

**କଟକ(ଏନ୍.ଏମ୍.) :** କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର ହୃଦୟ ବିହାରୀ ମହାପାତ୍ରଙ୍କୁ ପୁନଃ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ନିର୍ଦ୍ଦେଶନାମାକୁ ନିଖିଳ ଓଡ଼ିଶା ସରକାରୀ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ଜଣାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ, ସେକ୍ସନ ଅଫିସର ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟ କଳାପ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରତି ବ୍ୟବହାର ସର୍ବୋତ୍ତମ ଥିବା ବେଳେ କେତେକ ଅଣ ଶିକ୍ଷକ, ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ । ଏହାକୁ ଆଧାର କରି ଗତ ଜୁନ ୧୩ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନ ଆସି ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୬୪୨୧ ତା ୧୩.୬. ୨୦୨୨ରିଖରେ ନିଲମ୍ବିତ କରିଥିଲେ । ଏହି ନିର୍ଦ୍ଦେଶକୁ ଶିକ୍ଷକ ଓ କର୍ମଚାରୀଙ୍କ ମହଲରେ ଆଲୋଡନ ସୃଷ୍ଟି କରିଥିଲା । ପୁନଃର୍ବାର ଗତ ୨୮ ତାରିଖରେ ବିଭାଗୀୟ ଅତିରିକ୍ତ ସଚିବ ପ୍ରତିଭା ଦୋରା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ । ଉକ୍ତ ତଦନ୍ତକୁ ଆଧାର କରି ମଙ୍ଗଳବାର ସରକାରଙ୍କ ନିର୍ଦ୍ଦେଶନୁଯାୟୀ ସେକ୍ସନ ଅଫିସର ଶ୍ରୀ ମହାପାତ୍ରଙ୍କ ବେଆଇନ ଭାବରେ କରାଯାଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା ସହିତ ତାଙ୍କର ନିଜ ପଦବୀରେ ଅବସ୍ଥାପିତ କରାଯାଇଥିଲା । ଏନେଇ ଶିକ୍ଷକ ସଂଘର କର୍ମକର୍ତ୍ତା କଟକ ଜିଲ୍ଲା ଶିକ୍ଷକ ଓ ଶିକ୍ଷା କର୍ମଚାରୀ, ଶିକ୍ଷା ବିଭାଗର ଏହି ନିର୍ଦ୍ଦେଶକୁ ସ୍ୱାଗତ କରିବା ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ, ଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ କଟକ ଜିଲ୍ଲା ଶିକ୍ଷାଧିକାରୀରଙ୍କ କୃତଜ୍ଞତା ଜଣାଇଛନ୍ତି ବୋଲି ଶିକ୍ଷକ ସଂଘର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା ଜଣାଇଛନ୍ତ ।

# ସିଡିଏ ଅଞ୍ଚଳରେ ସମସ୍ୟା ଯାଞ୍ଚ କଲେ ସିଏମସି ମେୟର

**କଟକ(ଏନ୍.ଏମ୍.) :** କଟକ ସହରର ସାଟେଲାଇଟ ସିଟି କୁହାଯାଉଥିବା ସିଡିଏ ଅଞ୍ଚଳ ଏବେ ସମସ୍ୟାରେ ଜର୍ଜରିତ । ଏଠାରେ ଅଞ୍ଚଳବାସୀଙ୍କୁ ଯେଉଁସୁବିଧା ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା ତାହା ଦିନକୁ ଦିନ ଅପହଞ୍ଚ ହେବାରେ ଲାଗିଛି । ଫଳରେ ସିଡିଏ ଅଞ୍ଚଳବାସୀଙ୍କ ଅଭିଯୋଗର ତାଲିକା ସହିତ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି । ତେବେ ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଆଜି ସିଏମସି ମେୟର ସୁବାସ ସିଂହ ସିଡିଏ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଥିଲେ । ମେୟର କଟକ ମହାନଗର ନିଗମ ଅନ୍ତର୍ଗତ ସି.ଡି.ଏ. ଅଞ୍ଚଳର ୫ନମ୍ବର ୱାର୍ଡ ଓ ୬ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଅଞ୍ଚଳବାସୀଙ୍କ ଅଭିଯୋଗଗୁଡ଼ିକୁ ବୁଲି ଦେଖିଥିଲେ । ଉକ୍ତ ଦୁଇ ୱାର୍ଡର ସେକ୍ଟର ୬ ଓ ସେକ୍ଟର ୭ ଅଞ୍ଚଳର ନାଳ ଓ ନର୍ଦ୍ଦମା ଗୁଡିକର ଅବସ୍ଥା ତଦାରଖ କରିବା ସହିତ, ସ୍ଥାନୀୟ ବାସିନ୍ଦା ସହିତ ଆଲୋଚନା କରି ମେୟର ସମସ୍ୟା ସମ୍ପର୍କରେ ବୁଝିଥିଲେ ।

ଉକ୍ତ ଅଞ୍ଚଳର ଲୋକେ ବିଭିନ୍ନ ଜାଗାରେ ରାସ୍ତାର ଅବସ୍ଥା ଭଲନଥିବା ନେଇ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥି ସହିତ ରାସ୍ତା ଭଲ ନଥିବାରୁ ଆମ୍ବୁଲାନ୍ସ, ସ୍କୁଲ ବସ, କିମ୍ବା ଅନ୍ୟ ଗାଡ଼ିଗୁଡ଼ିକରେ ଯିବା ଆସିବା କରିବା କଷ୍ଟକର ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣିବା ପରେ ଖୁବଶୀଘ୍ର ଏହାର ସମାଧାନ କରିବାରେ ପଦକ୍ଷପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ।



ମେୟର ଙ୍କ ୱାର୍ଡ ପରିଦର୍ଶନ ସମୟରେ ବିଭିନ୍ନ ସ୍ଥାନରେ ଜମିରହିଥିବା ବର୍ଷାଜଳର ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭନ୍ନ ସ୍ଥାନରେ ସ୍ୱରେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇ ପଡିବା ଓ ପିଚୁ ରାସ୍ତା ନିର୍ମାଣ ସମୟରେ ସ୍ୱରେଜ ପଏଣ୍ଟ ବନ୍ଦ ହୋଇଯିବା ସ୍ୱରେଜ ସିଷ୍ଟମରେ ଅସୁବିଧା କରୁଥିବା ଅନୁଭବ କରିଥିଲେ । କିଛି ବ୍ୟକ୍ତି ନିଜ ଘର ଆଗକୁ ବଢ଼ାଇ ସ୍ୱରେଜ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଚଳ କରିଛନ୍ତି । ଏହି ଗୁରୁତର ସମସ୍ୟାର ଉଚ୍ଚସ୍ତରୀୟ ନିରୀକ୍ଷଣ କରାଯାଇ ସ୍ଥାୟୀ ପ୍ରତିକାର କରିବା ପାଇଁ ପଦକ୍ଷପ ନେବାକୁ ମେୟର ଶ୍ରୀ ସିଂହ ଉଦ୍ୟମ କରିବାକୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଡକ୍ଟର ସତ୍ୟ ରାୟ, ପୂର୍ବତନ ପ୍ରଶାସକ ବଂଶୀଧର ରାଉତ, ସମାଜସେବୀ ଦେବେନ୍ଦ୍ର ସୁତାର , ଦୁଇ ୱାର୍ଡର କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ ଓ ଗୀତାଞ୍ଜଳି ବେହେରା, ଆଇନଜୀବୀ ଗଦାଧର ସାହୁ, ଆଇନଜୀବୀ ପ୍ରେମସୁ ବେହେରା, ବିନୋଦ ପଣ୍ଡା, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସାହୁ, ସୁବାସ ଆଚାର୍ଯ୍ୟ, ରବିନାରାୟଣ ପଣ୍ଡା, ସୁନୀଲ କୁମାର ସାମଲ, ପ୍ରଭା ଦାସ, ପ୍ରସନ୍ନ ଦାସ, ଅଭିମନ୍ୟୁ ନାୟକ , ମନୋରଞ୍ଜନ ଦାସ, ଦେବେନ୍ଦ୍ର ମିଶ୍ର ଉପସ୍ଥିତ ପ୍ରମୁଖ ଉପସ୍ଥିତ ଥିଲେ ।




# ଅଲିମ୍ପିକ୍ସ ପରେ ପ୍ରଶିକ୍ଷଣ ଓ ପ୍ରତିଯୋଗିତାର ସ୍ତର ବୃଦ୍ଧି ପାଇଛି : କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ



**ନୂଆଦିଲ୍ଲୀ(ଏଜେନ୍ସି):** କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂହ ଠାକୁର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଭାରତର ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଗୁରୁବାର ଦିନ ମିଶନ ଅଲିମ୍ପିକ୍ସ ସେଲ (ଏମଓସି)ର ବୈଠକରେ ସେ ଏହି ସମୀକ୍ଷା କରିଥିଲେ। ଆସନ୍ତା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨୧୫ ଜଣ ଭାରତୀୟ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ।

ଏମଓସି ବୈଠକରେ ପୂର୍ବତନ ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜ, ପୂର୍ବତନ ହକି ଖେଳାଳୀ ବୀରେନ ରସକିନା, ପୂର୍ବତନ ଟେବୁଲ ଟେନିସ ଖେଳାଳୀ ମୋନାଲିସା ବରୁଆ, ପୂର୍ବତନ କୁସ୍ତିଯୋଦ୍ଧା ଯୋଗେଶ୍ୱର ଦତ୍ତ, ପୂର୍ବତନ ବ୍ୟାଡମିଣ୍ଟନ ଖେଳାଳୀ ତୃପ୍ତି ମୁରଗୁଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସ୍ତୁତି ସମୀକ୍ଷା କରିବା ସମୟରେ ଶ୍ରୀ ଠାକୁର କହିଥିଲେ ଯେ, ‘‘କ୍ରୀଡ଼ାବିତମାନଙ୍କର ପ୍ରସ୍ତୁତି ଖୁବ୍ ଭଲ ଭାବେ ଜାରି ରହିଛି। ଅଲିମ୍ପିକ୍ସ ପରେ ପ୍ରଶିକ୍ଷଣ ଏବଂ ପ୍ରତିଯୋଗିତାର ସ୍ତର ବୃଦ୍ଧି ପାଇବା ଖୁସିର ବିଷୟ ଏବଂ ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସର ସଫଳତାକୁ ଆମେ ବଜାୟ ରଖିପାରିବା ବୋଲି ଆଶା କରାଯାଉଛି। ସମୀକ୍ଷା ସମୟରେ, ଭାରତର ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଟୋକିଓ ଅଲିମ୍ପିକ୍ସ-୨୦୨୦ ପରେ କ୍ରୀଡ଼ାବିତମାନଙ୍କୁ ଜାତୀୟ ଶିବିରରେ ପ୍ରଶିକ୍ଷଣ ସମେତ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଦିଆଯାଉଛି ଏବଂ ସେମାନଙ୍କୁ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ପ୍ରଶିକ୍ଷଣର ସୁଯୋଗ ମିଳୁଛି। ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଯେଉଁ ବିଭାଗରେ ପ୍ରତିଯୋଗିତା କରିବ ସେସବୁ କ୍ରୀଡ଼ା ବିଭାଗରେ ଅଭିଜ୍ଞତା ହାସଲ କରିବା ପାଇଁ ସରକାର ୧୧୧ଟି କ୍ରୀଡ଼ା ଗସ୍ତର ବ୍ୟବସ୍ଥା କରିସାରିଛନ୍ତି । ଜାତୀୟ କ୍ରୀଡ଼ା ସଂଗଠନଗୁଡ଼ିକ ମଧ୍ୟ ଜାତୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଅଲିମ୍ପିକ୍ସ ପରେ ବହୁ ଶୀର୍ଷ କ୍ରୀଡ଼ାବିତମାନେ ସେମାନଙ୍କର ପ୍ରଶିକ୍ଷଣ ଯୋଜନା ଅନୁଯାୟୀ, ସରକାରୀ ଖର୍ଚ୍ଚରେ ବିଦେଶରେ ପ୍ରଶିକ୍ଷଣ ନେଇଛନ୍ତି । ଅଲିମ୍ପିକ୍ସ କ୍ରୀଡ଼ା ପରେ ପ୍ରଶିକ୍ଷଣ ନେବା ଲାଗି ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଆମେରିକାର ଚୁଲା ଭିସ୍ତା, ତୁର୍କୀର ଆଣ୍ଟାଲ୍ୟା ଏବଂ ଫିନଲାଣ୍ଡ ଗସ୍ତ କରିସାରିଛନ୍ତି । ସେହିପରି ଭାରୋତ୍ତୋଳକାରୀ ମୀରା ବାଇ ଚାନୁ ଆମେରିକାର ସେଣ୍ଟ ଲୁଇସ ଗସ୍ତ କରି ବିଶେଷଜ୍ଞ ପ୍ରଶିକ୍ଷକ ଡକ୍ଟର ଆରୋନ ହୋର୍ସିଗଙ୍କ ଠାରୁ ପ୍ରଶିକ୍ଷଣ ନେଇଛନ୍ତି। ଷ୍ଟିପଲଚେଜର ଅବିନାଶ ସାବଲେ ଏପ୍ରିଲ ୨୦୨୨ରେ ଆମେରିକାର କଲରାଡୋ ସ୍ପ୍ରିଙ୍ଗ ଗସ୍ତ କରି ପ୍ରଶିକ୍ଷକ ସ୍କଟ୍ ସିମୋନ୍ସଙ୍କ ଠାରୁ ପ୍ରଶିକ୍ଷଣ ନେଇଛନ୍ତି । ସାଇକେଲ ଚାଳନା ଦଳ ତିନି ମାସ ପାଇଁ ସ୍ଲୋଭେନିଆ ଓ ପର୍ତ୍ତୁଗାଲରେ ପ୍ରଶିକ୍ଷଣ ନେଇଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ପୂର୍ବରୁ ଟେବୁଲ ଟେନିସ ଏବଂ ବକ୍ସିଂ ଖେଳାଳୀଙ୍କ ଅଭିଜ୍ଞତା ଅର୍ଜନ ପାଇଁ ପର୍ତ୍ତୁଗାଲ ଏବଂ ଆୟାର୍ଲାଣ୍ଡ ଗସ୍ତର ବ୍ୟବସ୍ଥା କରାଯାଇଛି ।

# ବୟସ ଜାଲିଆତି ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ : ବାଇ

**ନୂଆଦିଲ୍ଲୀ (ଏଜେନ୍ସି):** ଭାରତୀୟ ବ୍ୟାଡମିଣ୍ଟନରେ ବୟସ ଜାଲିଆତିକୁ ନେଇ ଅଭିଯୋଗ ପରେ ଏବେ ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆ (ବାଇ) ତଦନ୍ତ କରିବା ନେଇ ସ୍ୱତନ୍ତ୍ର କମିଟି ଗଠନ କରିଛି। ବୟସ ଜାଲିଆତି କରିଥିବା ଖେଳାଳିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଇ ସମ୍ପାଦକ ସଞ୍ଜୟ ମିଶ୍ରା କହିଛନ୍ତି। ମୋହାଲିରେ ଚାଲିଥିବା ସର୍ବଭାରତୀୟ ୧୩ ବର୍ଷରୁ କମ ରାଙ୍କିଙ୍ଗ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅବସରରେ ବାଇ ସମ୍ପାଦକ ଶ୍ରୀ ମିଶ୍ରା କହିଛନ୍ତି ଯେ, ଜାତୀୟ ପ୍ରତିଯୋଗିତାରେ ବୟସ ଜାଲିଆତି କରି ଅଧିକ ବୟସ ପିଲାଙ୍କୁ ଖେଳାଯିବା ଘଟଣାର ତଦନ୍ତ କରାଯିବ। ଖେଳାଳିମାନେ ନାମ ପଞ୍ଜୀକରଣ ସମୟରେ ଦାଖଲ କରିଥିବା ପ୍ରମାଣପତ୍ରକୁ ଯାଞ୍ଚ କରାଯାଉଛି। ଏଥିରେ ଯଦି କୌଣସି ଖେଳାଳି ବୟସରେ ଜାଲିଆତି କରିଥିବା ନେଇ ଜଣାପଡେ ତେବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିନେଇ ଗଠିତ ବୟସ ଯାଞ୍ଚ ତଦାରଖ କମିଟି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ପ୍ରତିଯୋଗିତା ଆୟୋଜକ ଓ ବାଇର ମିଳିତ ଭାବେ ବୟସ ଯାଞ୍ଚ କରାଯିବ । ଖେଳାଳି ଓ ଅଭିଭାବକମାନେ ପିଲାମାନଙ୍କ ବୟସଗତ ପ୍ରମାଣପତ୍ର ସଠିକ ଦାଖଲ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବୟସ ଜାଲିଆତି କରିଥିବା ନେଇ ଯଦି କୌଣସି ଖେଳାଳି ଧରାପଡେ ତେବେ ବାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସମ୍ପାଦକ ଶ୍ରୀ ମିଶ୍ରା ସତର୍କ କରାଇ ଦେଇଛନ୍ତି।

# ଜଗତସିଂହପୁରରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ଯୋଗଦେଲେ ୧୦୦ କ୍ରୀଡାବିତ୍



**ଜଗତସିଂହପୁର (ଏନ୍.ଏମ୍.):** ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଜିଲ୍ଲାପାଳ ପାରୁଲ୍ ପଟୱାରିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି ପ୍ରତିଭା ଚୟନ କାର୍ଯ୍ୟକ୍ରମକୁ ଉଦଘାଟନ କରି ଜିଲ୍ଲାପାଳ କହିଲେ ଯେ, ବିଭିନ୍ନ ବ୍ଲକରୁ ୧୦ରୁ ୧୫ବର୍ଷର ଛାତ୍ର ଛାତ୍ରୀମାନେ ଚୟନ ପ୍ରକିୟାରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ହକି ୱାର୍ଲ୍ଡକପ୍ ଅନୁଷ୍ଠିତ ହେବାକୁ ଯାଉଛି । ଓଡ଼ିଶାର ଭଲ ଭଲ କ୍ରିଡାବିତ୍‌ମାନେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଚୟନ ପ୍ରତିଯୋଗିତାରେ ଯେଉଁ ପିଲା ଭଲ ପ୍ରଦର୍ଶନ କରିବେ ସେମାନେ ରାଜ୍ୟସ୍ତରକୁ ଉତୀର୍ଣ୍ଣ ହେବେ। ୩୦ଟି ଜିଲ୍ଲାରେ ଏହି ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରାଜ୍ୟସ୍ତରରେ ପ୍ରତିଭା ଚୟନ କରାଯାଇ ବିଭିନ୍ନ କ୍ରୀଡ଼ା ପାଇଁ କୋଚିଂ ପ୍ରଦାନ କରାଯିବ ଏବଂ ଜାତୀୟସ୍ତରକୁ ମନୋନୟନ ହେବ। ଜିଲ୍ଲା ପ୍ରଶାସନପକ୍ଷରୁ ପିଲାମାନଙ୍କ ପାଇଁ ପାନୀୟଜଳ, ଗ୍ଲୁକୋଜ, ଓ.ଆର.ଏସ୍ ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରୁଦ୍ରନାରାୟଣ ଦାଶ ଯୋଗଦେଇ କହିଲେ ବିଭିନ୍ନ ବ୍ଲକ୍ ଓ ମ୍ୟୁନିସିପାଲିଟିରୁ ୧୦୦ କ୍ରୀଡାବିତ୍ ପ୍ରତିଭା ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସଟଲରନ୍, ଷ୍ଟାଣ୍ଡିଂ ଫ୍ଲାଇଙ୍ଗ୍, ଷ୍ଟାର୍ଟ, କ୍ରିକେଟ ବଲ୍ ଥ୍ରୋ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ସଂସଦ, ସମ୍ପାଦକ ଦୋଳଗୋବିନ୍ଦ ଦାଶ ଯୋଗଦେଇ ଥିଲେ। ପୂର୍ବରୁ ଏକ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରୁ ୧୮୦ କ୍ରିଡାବିତ୍ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ପରିଚାଳନା କରୁଛନ୍ତି। ଜିଲ୍ଲା ଶାରିରୀକ ଶିକ୍ଷା ପରିଦର୍ଶକ ବିଦ୍ୟାଧର ପ୍ରଧାନ ଉପସ୍ଥିତ ରହି ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। କ୍ରୀଡା ପ୍ରତିଭା ମନୋନୟନରେ ୬ଜଣ କ୍ରିଡ଼ା ଶିକ୍ଷକ/ଶିକ୍ଷୟିତ୍ରୀ ବିଚାରକ ଭାବେ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ, କ୍ରୀଡାବିତ୍ ମାନେ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ରାମ ନେଇ କେହି ଫର୍ମକୁ ଫେରିନାହାନ୍ତି : ଇରଫାନ



**ନୂଆଦିଲ୍ଲୀ(ଏନ୍.ଏମ୍.):** ଭାରତୀୟ କ୍ରିକେଟ ଦଳର ଆଗାମୀ ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଷ୍ଟାର ଖେଳାଳି ରୋହିତ ଶର୍ମା, ବିରାଟ କୋହଲି ଓ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବାରୁ ତାହାର ସମାଲୋଚନା କରିଛନ୍ତି ପୂର୍ବତନ ଅଲରାଉଣ୍ଡର ଇରଫାନ ପଠାନ । ଏକ ଟୁଇଟ କରି ସେ କହିଛନ୍ତି ଯେ ଖେଳାଳୀମାନଙ୍କୁ ବିଶ୍ରାମ ଦେଲେ ସେମାନଙ୍କ ଫର୍ମ ଫେରିଆସିବ ନାହିଁ । ଭାରତୀୟ ଦଳ ଏବେ ନିଜର ଦୁଇ ପ୍ରମୁଖ ବ୍ୟାଟ୍ସମ୍ୟାନ ବିରାଟ ଓ ରୋହିତଙ୍କ ଖରାପ ଫର୍ମକୁ ନେଇ ସଂଘର୍ଷ କରୁଛି । ବିଶେଷକରି କୋହଲିଙ୍କ ଖରାପ ଫର୍ମ ଗତ ବର୍ଷଠାରୁ ଜାରି ରହିଛି । ନିକଟରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ କୋହଲି ପ୍ରଥମ ଇନିଂସରେ ୧୧ ଓ ୨ୟ ଇନିଂସରେ ୨୦ ରନ କରିଥିଲେ। ଏହି ମ୍ୟାଚରେ ଭାରତ ହାରିଯାଇଥିଲା । ସୂଚନାଯୋଗ୍ୟ ଯେ ଆଜି ବିସିସିଆଇପକ୍ଷରୁ ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି । ଏହି ଗସ୍ତରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ଖେଳିବ । ଏହି ଗସ୍ତ ପାଇଁ ଶିଖର ଧୱନଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିବାବେଳେ ରବୀନ୍ଦ୍ର ଜାଦେଜାଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି । ଏହି ଗସ୍ତ ପାଇଁ ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମରା, ଋଷଭ ପନ୍ତ, ହାର୍ଦିକ ପାଣ୍ଡ୍ୟା,ମହମ୍ମଦ ସାମ୍ମୀଙ୍କୁ ବିଶ୍ରାମ ଦିଆଯାଇଛି । କେ.ଏଲ. ରାହୁଲ ଆହତ ଜନିତ କାରଣ ପାଇଁ ବାଦ ପଡ଼ିଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୨ ପାଇଁ ଭାରତର ଅନୁରାଗ ଠାକୁର ପ୍ରସ୍ତୁତି ସମୀକ୍ଷା କଲେ।

# ଭାରତୀୟ ମହିଳା କୁସ୍ତି ଦଳର ବାହାରିନ ଯାତ୍ରା



**ପୁରୀ (ଏନ୍.ଏମ୍.):** ସମ୍ପ୍ରତି କ୍ରୀଡ଼ାକ୍ଷେତ୍ରରେ ଭାରତୀୟ ମହିଳାମାନଙ୍କ ଉନ୍ନତି ହୋଇ ପାରିଛି । ଏହି ଅବସରରେ ବାହାରିନ ଯାତ୍ରା କରିଛନ୍ତି ଭାରତୀୟ ମହିଳା କୁସ୍ତି ଦଳ। ଓଡ଼ିଆ କୁସ୍ତି କୋଚ ମନୀଷା ସାମଲଙ୍କ ନେତୃତ୍ୱରେ ଭାରତୀୟ ମହିଳା କୁସ୍ତି ଦଳ ବାହାରିନ ଯାତ୍ରା କରିଛନ୍ତି । ଏସିଆ କୁସ୍ତି ଚାମ୍ପିଅନସିପରେ ଭାରତ ମହିଳା କୁସ୍ତି ଦଳ ଭାଗ ନେବ। ଏହି ଦଳରେ ମନୀଷା ମୁଖ୍ୟ କୁସ୍ତି କୋଚ ରହିଛନ୍ତି। ସାଇ ପକ୍ଷରୁ ତାଙ୍କୁ ଭାରତୀୟ ମହିଳା କୁସ୍ତି ଦଳର ପ୍ରଶିକ୍ଷଣ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ତାଙ୍କ ନେତୃତ୍ୱରେ ଭାରତୀୟ ମହିଳା କୁସ୍ତି ଦଳ ବହୁବାର ବିଦେଶରେ ସଫଳତା ପାଇଛି। ମନୀଷାଙ୍କ ଘର ପୁରୀରେ ହୋଇଥିବା ବେଳେ ସେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ।

## ଏସିଆନ୍ ଟ୍ରାକ୍ ସାଇକେଲିଂ ଚମ୍ପିଅନ୍‌ସିପ୍ ବିଜୟୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର (ଏନ୍.ଏମ୍.):** ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସିଆନ୍ ଟ୍ରାକ୍ ସାଇକେଲିଂ ଚମ୍ପିଅନ୍‌ସିପ୍-୨୦୨୨ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ସ୍ୱସ୍ତି ସିଂ ଏବଂ ଦିନେଶ କୁମାରଙ୍କୁ ଆଜି ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ(ରାଷ୍ଟ୍ର) ମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରିଛନ୍ତି। କଳିଙ୍ଗ ହକି ଷ୍ଟାଡିୟମ୍ ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଶ୍ରୀ ବେହେରା ରାଜ୍ୟର ଏହି ଉଦୀୟମାନ ଖେଳାଳୀ ଦ୍ୱୟଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ସହ ଫଳକ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାର ପ୍ରଥମ ମହିଳା ସାଇକେଲ ଚାଳିକା ତଥା ଅର୍ଜୁନ ପୁରସ୍କାର ବିଜୟିନୀ ମିନତୀ ମହାପାତ୍ର, ବିଭାଗୀୟ ଯୁଗ୍ମ ଶାସନ ସଚିବ କୈଳାସ ଚନ୍ଦ୍ର ଦାସ, ରଞ୍ଜିତ ପରିଡ଼ା, ଓଏସ୍‌ଡି ସିର୍ଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




# ସୂର୍ଯ୍ୟକୁମାରଙ୍କ ଦମ୍‌ଦାର ଶତକ ସତ୍ତ୍ୱେ ଇଂଲଣ୍ଡ ଠାରୁ ୧୭ ରନ୍‌ରେ ତୃତୀୟ ଟି-୨୦ ହାରିଲା ଟିମ୍ ଇଣ୍ଡିଆ



**ନର୍ଟିଂହାମ (ଏଜେନ୍ସି) :** ଏଠାରେ ଖେଳାଯାଉଥିବା ଭାରତ ଓ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚରେ ଭାରତ ପରାସ୍ତ ହୋଇଛି। ଶେଷ ମ୍ୟାଚ୍ ବିଜୟ ସହ ଆଗୁଆ ସିରିଜ ହାରିଥିବା ଘରୋଇ ଇଂଲଣ୍ଡକୁ ଶାନ୍ତ୍ୱନାମୂଳକ ବିଜୟ ମିଳିଛି। ଇଂଲଣ୍ଡର ୨୧୬ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରୁଥିବା ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ଦମ୍‌ଦାର ଶତକ ସତ୍ତ୍ୱେ ଇଂଲଣ୍ଡ ନିକଟରୁ ୧୭ ରନ୍‌ରେ ପରାଜୟ ବରଣ କରିଛି। ସୂର୍ଯ୍ୟକୁମାର ବିସ୍ଫୋରକ୍ ଇନିସ ଖେଳି ୫୫ ବଲ୍ ?ରେ ୧୪ ଟି ଚୌକା-୬ଟି ଛକା ବଳରେ ୧୧୭ ରନ୍ କରିଥିଲେ। ଏହା ସତ୍ତ୍ୱେ ଭାରତ ୨୦ ଓଭର ଖେଳି ୯ ୱିକେଟ ହରାଇ ୧୯୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଇଂଲଣ୍ଡ କ୍ୟାପ୍ଟେନ୍ ଜସ ବଟଲର। ସିରିଜର ଦୁଇଟି ମ୍ୟାଚ ହାରି ସାରିଥିବା ଇଂଲଣ୍ଡ ଆଜି ଭଲ ପଦର୍ଶନ ସହ ଭାରତ ଆଗରେ ଏକ ବିଶାଳ ସ୍କୋର ଛିଡା କରିଥିଲା। ଅନ୍ତିମ ମୁକାବିଲାରେ ଇଂଲଣ୍ଡ ବ୍ୟାଟ ଭଲ ବ୍ୟାଟିଂ କରିଥିଲେ। ଡାୱିଦ୍ ମଲାନ୍ ଓ ଲିଆମ୍ ଲିଭିଂଷ୍ଟୋନ୍ ବିସ୍ଫୋରକ ବ୍ୟାଟିଂ ବଳରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଘରୋଇ ଇଂଲଣ୍ଡ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୧୫ ରନ୍ କରିଥିଲେ। ଇଂଲଣ୍ଡର ଦୁଇ ଓପନର ଜାସନ ରୟ ଏବଂ ଅଧିନାୟକ ଜୋସ୍ ବଟଲର ୩୧ ରନ ଯୋଡିଥିଲେ।ଏହା ପରେ ଡେଭିଡ୍ ମଲାନ ଏବଂ ଲିଭିଙ୍ଗଷ୍ଟୋନ ବିସ୍ଫୋରକ ବ୍ୟାଟିଂ କରି ଦଳର ସ୍କୋରକୁ ଆଗକୁ ବଢାଇଥିଲେ। ମଲାନ ଅର୍ଦ୍ଧଶତକ ହାସଲ କରିବା ସହିତ ୩୯ ବଲରୁ ୬ ଚୌକା ଏବଂ ୫ ଛକା ଜରିଆରେ ୭୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ମଲାନ ଏବଂ ଲିଭିଙ୍ଗଷ୍ଟୋନ ଚତୁର୍ଥ ୱିକେଟରେ ୮୪ ରନ ଯୋଡିଥିଲେ। ଶେଷ ଆଡକୁ ଲିଆମ ଲିଭିଙ୍ଗଷ୍ଟୋନ ଦ୍ରୁତ ବ୍ୟାଟିଂ କରି ୪୨ ରନର ଇନିଂସ ଖେଳିବାରୁ ଇଂଲଣ୍ଡ ୭ ୱିକେଟ୍ ହରାଇ ୨୧୫ ରନ କରିଥିଲା। ଫଳରେ ରୋହିତ ଶର୍ମାଙ୍କ ନେତୃତ୍ୱ ଭାରତକୁ ୨୧୬ ରନ୍ ?ର ବିଜୟ ଲକ୍ଷ୍ୟ ମିଳିଥିଲା। ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ ବିଜୟ ସହ ଆଗୁଆ ସିରିଜ ଜିତିଥିବା ଭାରତ ଅନ୍ତିମ ମ୍ୟାଚ ବିଜୟ ସହ ସିରିଜ କ୍ଲିନ୍ ସୁଇପ କରିବା ଲକ୍ଷ୍ୟରେ ପଡିଆକୁ ଓହ୍ଲାଇଥିଲା। ହେଲେ ଓପନ କରୁଥିବା ରିଷଭ ଦଳର ସ୍କୋର ଦୁଇ ରନଥିବା ବେଳେ ଏକ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ପୂର୍ବତନ ଅଧିନାୟକ କୋହଲି ମଧ୍ୟ ଅଧିକ ସମୟ ପଡିଆରେ ରହିପାରିନଥିଲେ। କୋହଲି ମାତ୍ର ୧୧ ରନ୍ କରି ପଡିଆରୁ ଫେରିଥିଲେ। ଏହାପରେ ଅଧିନାୟକ ରୋହିତ ମଧ୍ୟ ୧୧ ରନରେ ଆଉଟ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ଓ ଶ୍ରେୟସ ଆୟର ଇଂଲଣ୍ଡ ବୋଲରଙ୍କୁ ଭଲ ମୁକାବିଲା କରିବା ସହ ଦଳର ସ୍କୋରକୁ ଏକ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଶ୍ରେୟସ ଆୟର ୨୮ ରନ କରି ଆଉଟ ହୋଇଯାଇଥିଲେ। ସୂର୍ଯ୍ୟକୁମାର ଓ ଶ୍ରେୟସଙ୍କ ବ୍ୟତିତ ବାକି ବ୍ୟାଟସମ୍ୟାନ ନିରାଶ କରିଥିଲେ । ଯାହା ଫଳରେ ସିରିଜ କ୍ଲିନ୍ ସୁଇପ କରିବାରୁ ବଞ୍ଚିତ ହେଲା ଭାରତ।

Printed, Published and owned by Sri Tapan Kumar Sahoo At-Badachanachoo, Po-Nakhara, Via-Choudwar, Dist-Cuttack-754025 (Odisha),
Printed at Sakuntala Printers, Bidanasi, Cuttack-753014 (Odisha) and Published at At - Badachanachoo, Po- Nakhara, Via-Choudwar, Dist-Cuttack- 754025 (Odisha)

Editor : SRI TAPAN KUMAR SAHOO Mob- 8895134289, 9938725879. Email : nishkarsha.media@gmail.com ସମ୍ପାଦକ: ତପନ କୁମାର ସାହୁ